## ଅଜଣା ଗାଡ଼ି ମାଡ଼ିଯାଇ ଅଜଗର ମୃତ

ଦିଗପହଣ୍ଡି,୨୯ ।୧(ସମିସ): ଦିଗପହଣ୍ଡି-ପୋଡ଼ାମାରି ମୁଖ୍ୟରାସ୍ତା କଡ଼ରେ ଥିବା କପାମଣ୍ଡି ନିକଟରୁ ଏକ ୧୩ ଫୁଟିଆ ମୃତ ଅଜଗରକୁ ଗୁରୁବାର ବନ ବିଭାଗ କର୍ମଚାରୀ ଜବତ କରିଛନ୍ତି । ଅଜଗରଟି ରାସ୍ତାପାର ହେଉଥିବା ବେଳେ ଗାଡ଼ି ମାଡିଯିବାରୁ ମୃତ୍ୟୁ ଘଟିଥିବା ବନ କର୍ମଚାରୀଙ୍କ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଗାଡ଼ି ଚାଳକ ମୃତ ସାପଟିକୁ ରାସ୍ତାକଡକୁ ଫୋପାଡି ଦେଇ ଚାଲିଯାଇଥିବା ବେଳେ ରାସ୍ତାରେ ଯା ଆସ କରୁଥିବା କିଛି ବ୍ୟକ୍ତି ଦିଗପହଣ୍ଡି ବନ ବିଭାଗକୁ ଖବର ଦେଇଥିଲେ । ମୃତ ସାପଟିକୁ ଫରେଷ୍ଟର ସନ୍ତୋଷ ବିଷୋୟୀ ରତ୍ନ ଜବତ କରି ମାମଲା ରୁଜୁ କରିବା ସହ ଦିଗପହଣ୍ଡି ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ବ୍ୟବଚ୍ଛେଦ ପରେ ନିକଟସ୍ଥ ଟାଙ୍ଗୁଡ଼ିଦେଇ ଜଙ୍ଗଲରେ ପୋତି ଦିଆଯାଇଛି । ମୃତ ସାପଟିର ଗୋଲେଇ ୧୬ ସେଣ୍ଟି ମିଟର, ବୟସ ପ୍ରାୟ ୩ ବର୍ଷ ଏବଂ ମାଈ ପ୍ରଜାତିର ବୋଲି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡ଼ା. ମଧୁସ୍ମିତା ପଣ୍ଡା କହିଛନ୍ତି । ରାସ୍ତାରେ ଚଳାଚଳ କରୁଥିବା ଗାଡ଼ି ମୋଟର ଚାଳକ ମାନେ ରାସ୍ତାପାର ହେଉଥିବା ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ସତର୍କ ଦୃଷ୍ଟି ଦେବା ଆବଶ୍ୟକ । ଯଦି କୌଣସି ଗାଡ଼ି ଚାଳକ ଉଦ୍ଦେଶ୍ୟମୂଳକ ଭାବେ ଗାଡ଼ି ଧକ୍କା ଦେବେ ତା ହେଲେ ସେମାନଙ୍କ ବିରୋଧରେ ବନ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫରେଷ୍ଟର କହିଛନ୍ତି ।

## ମହିଳା ଗୋଷ୍ଠୀକୁ ଧାନ କିଣାରୁ ବାଦ୍ ଦେବାକୁ ବିରୋଧ

# ଧାରଣାରେ ବସିଲେ ସଂଘ ଓ ଚାଷୀ

ଛତ୍ରପୁର,୨୯ ।୧(ସମିସ)



ପ୍ରତିବର୍ଷ ଖଲ୍ଲିକୋଟ ବ୍ଲକ ନାଇକାଣିପଲ୍ଲୀ ପଞ୍ଚାୟତର ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ କିଣାରେ ସାମିଲ କରାଯାଉଥିଲା । ଏପରିକି ଚଳିତ ବର୍ଷରେ ମଧ୍ୟ ଉକ୍ତ ସଂଘ ଚାଷୀଙ୍କ ପଞ୍ଜୀକରଣରେ ସାମିଲ ହୋଇଥିଲା । କିନ୍ତୁ ଧାନକିଣା ପ୍ରକ୍ରିୟା ବେଳେ ସେମାନଙ୍କୁ କୌଣସି ଚାପରେ ବାଦ ଦିଆଯାଇଛି । ଏନେଇ ମହିଳା ଗୋଷ୍ଠୀ ବହୁବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ବି କୌଣସି ସୁଫଳ ମିଳିନଥିଲା । ଆଜି ସେମାନେ ବାଧ୍ୟ ହୋଇ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ଚାଷୀମାନେ ଧାରଣାରେ ବସିରହିଛନ୍ତି । ସକାଳୁ ଆସିଥିଲେ ବି ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କ ଗୁହାରୀ କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି । ଏପରିକି ଯେଉଁ ସୋସାଇଟକୁ ଦାୟିତ୍ୱ ଦିଆଯାଇଛି ଗ୍ରାମଠାରୁ ୪କିମି ଦୂର । ଏହାସହ ବହୁ ଚାଷୀଙ୍କ ଟୋକନ ଆସିନାହିଁ ଏପରିକି କିଛି ଚାଷୀଙ୍କ ଆଉ କିଛିଦିନ ଗଲେ ଟୋକେନ ଅବଧି ଶେଷ ହୋଇଯିବ ବୋଲି କହିଥିଲେ । ଯେତେଦିନ ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇନାହିଁ ସେତେଦିନ ପ୍ରର୍ଯ୍ୟନ୍ତ ଏଠି ଧାରଣ ଦେବୁ ବୋଲି ଚାଷୀ ଓ ମହିଳା ଗୋଷ୍ଠୀ ଚେତାବନୀ ଦେଇଛନ୍ତି । ଏପରିକି ପୂର୍ବବର୍ଷ ଯେଉଁ ଚାଷୀଙ୍କ ଧାନ ବିକ୍ରି ପାଇଁ ପରିମାଣ ଅଧିକ ଆସିଥିଲା, ଚଳିତ ବର୍ଷ କମ୍ ଆସିଛି ବୋଲି ଅଭିଯୋଗ ହୋଇଛି ।

## ଚଳନ୍ତା କଣ୍ଟେନରରେ ନିଆଁ


ଅଳ୍ପକେ ବର୍ତିଗଲେ ଚାଳକ ଓ ସହାୟକ

ରଙ୍ଗେଇଲୁଣ୍ଡା,୨୯।୧(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ରଣ୍ଡା ଛକ ୧୬ ନଂ. ଜାତୀୟ ରାଜପଥରେ ଗୁରୁବାର ରାତିରେ ଏକ ଚଳନ୍ତା କଣ୍ଟେନରରେ ହଠାତ୍ ନିଆଁ ଲାଗିଯାଇଥିଲା । ମାତ୍ର ଚାଳକ ଓ ସହାୟକ ସୋ÷ଭାଗ୍ୟବଶତଃ ଅଳ୍ପକେ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢେ ୮ ଟାବେଳେ ଏକ କଣ୍ଟେନର (ନଂ.ଏନଏଲ୦୧ଏ ଜେ-୭୨୬୧) ଜାତୀୟ ରାଜପଥରେ ବ୍ରହ୍ମପୁର ପଟୁ ଇଚ୍ଛାପୁର ଅଭିମୁଖେ ଯାଉଥିବା ବେଳେ ରଣ୍ଡା ଛକରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ହୁତୁହୁତୁ ହୋଇ କଣ୍ଟେନର ଜଳୁଥିବାବେଳେ ଚାଳକ ଓ ସହାୟକ ଡେଇଁ ପଡ଼ି ନିଜକୁ ରକ୍ଷା କରିଥିଲେ । ଖବର ପାଇ ଗୋଳନ୍ଥରା ପୁଲିସ ଓ କନିଷ୍ଠି ଅଗ୍ନିଶମ ବିଭାଗ ପହଞ୍ଚି ଅଢ଼େଇ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା । କଣ୍ଟେନରରେ ରବର ମ୍ୟାଟ୍ ଥିବା ସୂଚନା ମିଳିଛି । ଦୀର୍ଘ ସମୟ ଧରି ଜାତୀୟ ରାଜପଥରେ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା । ରାଜପଥ କର୍ମଚାରୀ ଓ ଗୋଳନ୍ଥରା ପୁଲିସ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ । ସର୍ଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି ।

## ଗଛରେ ପିଟିହେଲା କାର୍; ଗୋଟିଏ ପରିବାରର ୫ ଆହତ

ବେଲଗୁଣ୍ଠା,୨୯ ।୧(ସମିସ): ଭୁବନେଶ୍ୱରରୁ ଭୋଜି ଖାଇ ନିଜ ଗ୍ରାମ ଭଞ୍ଜନଗର ଫେରୁଥିବା ବେଳେ ବେଲଗୁଣ୍ଠା ନିକଟରେ ଏକ କାର୍(ଓଡି୦୨ଇଡ୯୧୧୬) ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଦମ୍ପତିଙ୍କ ସହ ଗାଡି ଚଳାଉଥିବା ପୁଅ ମଧ୍ୟ ଗୁରୁତର ହୋଇଛି । ଆହତ ମାନଙ୍କୁ ସ୍ଥାନୀୟ ଲୋକେ ଓ ରୋଟାରୀ କ୍ଲବର କିଛି ସଦସ୍ୟ ଉଦ୍ଧାର କରି ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ । ଭଞ୍ଜନଗରର ସୁବୁଦ୍ଧି ପରିବାରର ୫ ଜଣ ଭୁବନେଶ୍ୱରରେ ଏକ ଭୋଜିରେ ଯୋଗ ଦେଇ ଫେରୁଥିବା ବେଳେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉଡୁରା ଓ ଲୁଣିଝୋଲା ମଧ୍ୟରେ କାର୍‌ଟି ଏକ ଗଛରେ ଭାରସାମ୍ୟ ହରାଇ ପିଟି ଦେଇଥିଲା । ଫଳରେ ଗାଡିରେ ବସିଥିବା ଭଞ୍ଜନଗରର ଏସ୍ ଭାସ୍କର ସୁବୁଦ୍ଧି (୫୫), ତାଙ୍କ ସ୍ତ୍ରୀ ବବିତା ସୁବୁଦ୍ଧି (୫୨), ଭାସ୍କରଙ୍କ ଭାଇ ଏସ୍ ଗୁପ୍ତେଶ୍ୱର ସୁବୁଦ୍ଧି (୫୨), ଗୁପ୍ତେଶ୍ୱରଙ୍କ ସ୍ତ୍ରୀ ଏସ ବବିତା ସୁବୁଦ୍ଧି (୫୦) ଏବଂ ଗାଡି ଚଳାଉଥିବା ଏସ୍ ସୁବ୍ରତ ସୁବୁଦ୍ଧି (୨୮) ଗୁରୁତର ଆହତ ହୋଇଥିଲେ ।

## ଆଜିଠାରୁ ପ୍ରାଦେଶିକ ଖେଳକୁଦ ସମାରୋହ



ଛତ୍ରପୁର,୨୯ ।୧(ସମିସ): ବିଦ୍ୟାଭାରତୀ, ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଦ୍ୱାରା ଛତ୍ରପୁର ଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ୩୬ତମ ପ୍ରାଦେଶିକ ଖେଳକୁଦ ସମାରୋହ ଜାନୁଆରୀ ୩୦, ୩୧ ଓ ଫେବୃଆରୀ ୦୧ ଅନୁଷ୍ଠିତ ହେବ ବୋଲି ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓଡିଶା ଶିକ୍ଷା ବିକାଶ ସମିତିର ସାଧାରଣ ସମ୍ପାଦକ ଡ଼ଃ ସରୋଜ ହାତୀ ସୂଚନା ଦେଇଛନ୍ତି । ସମଗ୍ର ପ୍ରଦେଶର ୩୦ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ଅଣ୍ଡର -୧୪, ଅଣ୍ଡର-୧୭, ଅଣ୍ଡର-୧୯ ବର୍ଗର ଭାଇ ଭଉଣୀ ୮୬ଟି ଇଭେଣ୍ଟରେ ୨୩୦ ଜଣ ଭାଇ ଓ ୨୨୦ ଜଣ ଭଉଣୀ, ୬୦ ଜଣ କ୍ରୀଡା ପରିଚାଳକ ଏବଂ ୧୨୦ ଜଣ ସହାୟକ ଆଚାର୍ଯ୍ୟ ଆଚାର୍ଯ୍ୟା ଭାଗ ନେବେ । ମୁଖ୍ୟ ଅତିଥି ଭାବେ କ୍ରୀଡା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ ଅତିଥି ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରାନ୍ତ ନିରୀକ୍ଷକ ଅଶ୍ୱିନୀ ନାୟକ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ପଦ୍ମ ଚରଣ ସାହୁ, ସମ୍ପାଦକ ସନ୍ତୋଷ କୁମାର ସାହୁ, ପ୍ରାନ୍ତ ଖେଳକୁଦ ପ୍ରମୁଖ ସଞ୍ଜୟ କୁମାର ମିଶ୍ର, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ ଓ ପ୍ରଧାନଚାର୍ଯ୍ୟ ରବୀନ୍ଦ୍ର ନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ଅଟୋ ଚାଳକଙ୍କ ମୃତ୍ୟୁ

କୁକୁଡ଼ାଖଣ୍ଡି,୨୯ ।୧(ସମିସ): କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଡେଙ୍ଗାପଦର ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଅଟୋକୁ ଧକ୍କା ଦେବାରୁ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଲୋଚାପଡ଼ାର ସଞ୍ଜୟ ସାହୁ (୨୮) । ଦୁର୍ଘଟଣା ଏତେ ଭୟାବହ ଥିଲା ଯେ ଅଟୋଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଛି । ଅଟୋରେ ଥିବା ଅନ୍ୟ ଯାତ୍ରୀମାନେ ଗୁରୁତର ହୋଇଥିଲେ । ଦୁର୍ଘଟଣା ପରେ ବସ୍ ଚାଳକ ଓ କର୍ମଚାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସ୍ଥାନୀୟଲୋକେ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ପଠାଇଥିଲେ । ବ୍ରହ୍ମପୁର ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଏହା ସହିତ ଦୁର୍ଘଟଣାର କାରଣ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ପଳାୟନ କରିଥିବା ବସ୍ ଚାଳକଙ୍କୁ ଧରିବାକୁ ତଦନ୍ତ ଜୋରଦାର କରିଛି । ଦୁର୍ଘଟଣା ପରେ କିଛି ସମୟ ପର୍ଯ୍ୟନ୍ତ ଡେଙ୍ଗାପଦର ଛକ ନିକଟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ତେବେ ପୁଲିସ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା ।

## ବିଜ୍ଞାନ କଲେଜର ବାର୍ଷିକ କ୍ରୀଡ଼ା

ବେଲଗୁଣ୍ଠା,୨୯ ।୧(ସମିସ): ସ୍ଥାନୀୟ ବେଲଗୁଣ୍ଠା ବିଜ୍ଞାନ ମହାବିଦ୍ୟାଳୟର ୨୭ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରେ ଲକ୍ଷ୍ମୀନୃସିଂହ ମନ୍ଦିରରୁ କ୍ରୀଡ଼ା ମଶାଲକୁ ଅଣାଯାଇଥିଲା । ଅଧକ୍ଷ ଅଜିତ୍ କୁମାର ପଟ୍ଟନାୟକ ସ୍ୱାଗତ କରି କ୍ରୀଡ଼ା ଉତ୍ସବକୁ ଆରମ୍ଭ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ କ୍ରୀଡ଼ା ଉତ୍ସବର ଶପଥ ପାଠ କରିଥିଲେ । ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଧାରା ବିବରଣୀ ପ୍ରଦାନ କରି ପରିଚାଳନା କରିଥିଲେ ଏବଂ ସମସ୍ତ କ୍ରୀଡ଼ା ପ୍ରତିଯୋଗିତାକୁ ଅଧ୍ୟାପକ ଅଶୋକ କୁମାର ପ୍ରଦାନ, ଅଧ୍ୟାପକ ଅଜୟ କୁମାର ବିଶ୍ୱାଳ, ଅଧ୍ୟାପକ ଡ଼. ପ୍ରଫୁଲ୍ଲ କୁମାର ଜେନା, ଅଧ୍ୟାପକ ସପନ କୁମାର ପ୍ରଧାନ, ଅଧ୍ୟାପିକା ପିଙ୍କି ପାତ୍ର, ଅଧ୍ୟାପିକା ଲକ୍ଷ୍ମୀ ଗୌଡ଼ ସହଯୋଗ କରିଥିଲେ । ସମସ୍ତ କ୍ରୀଡ଼ା ପ୍ରତିଯୋଗିତା କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ପୋଲେଇ ଏବଂ ଯୋଗ ଶିକ୍ଷକ ଜିଲ୍ଲିପ କୁମାର ରେଡ଼ିଙ୍କ ତତ୍ତ୍ୱାବଧାନରେ ସଫଳ ହୋଇଥିଲା । ଅଣଶିକ୍ଷକ କର୍ମଚାରୀଙ୍କ ମଧ୍ୟରେ ପ୍ରଶାନ୍ତ ମହାନ୍ତି, ମହେନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପରିଡ଼ା, ମାଲବରଡ଼, ସନ୍ତୋଷ ଗୌଡ଼ ଓ ଶତ୍ରୁଘନ ଗୌଡ଼ ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ । ଗ୍ରନ୍ଥଗାରିକ ରଞ୍ଜିତ୍ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରିଲା କୃଷ୍ଣସାର ମୃଗ ଗଣନା

ଆସିକା,୨୯ ।୧(ସମିସ): ଆସିକାବନାଞ୍ଚଳର ଭେଟନଇ ଜଗତି ପିଡିଆ ଓ ଏହାର ଆଖପାଖ ଅଞ୍ଚଳ ବିରଳ କୃଷ୍ଣସାର ମୃଗଙ୍କ ବିଚରଣ ସ୍ଥଳୀ ରୂପେ ବେଶ ପରିଚିତ । ଏଠାରେ ଦଳ ଦଳ କୃଷ୍ଣ ସାର ମୃଗ ଦେଖାଯାଆନ୍ତି । ଯାହାକୁ ସ୍ଥାନୀୟ ଅଞ୍ଚଳର ଲୋକେ କଳା ବହୁତୀୟା ବା ବାଲି ହରିଣ କୁହନ୍ତି । ୨୦୧୧ରେ ଏହି ଅଞ୍ଚଳର ବିରଳ କୃଷ୍ଣସାର ମୃଗ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା । ପୂର୍ବରୁ ୧ ବର୍ଷକୁ ଥରେ ଗଣନା କରାଯାଉଥିବା ବେଳେ ବିଗତ ବର୍ଷ ଠାରୁ ପ୍ରତିବର୍ଷ ଗଣନା କରାଯାଉଛି ଓ ସବୁବର୍ଷ ମୃଗଙ୍କ ସଂଖ୍ୟା ବୃଦ୍ଧି ପାଉଛି । ସେହି କ୍ରମରେ ଗୁରୁବାର ଏଠାରେ କୃଷ୍ଣସାର ମୃଗ ଗଣନା କାର୍ଯ୍ୟ ଶେଷ ହୋଇଥିବା ବେଳେ ବହୁ ଟ୍ରେନରଙ୍କ ସହ ଭଞ୍ଜନଗର ଡିଏଫଓ ବିପାଶା ପାରୁଲ ସାମିଲ ହୋଇଥିଲେ । ପ୍ରଦୀପ ପ୍ରୋବେଶନର ଆଇଏଫଏସ ଲାଭଦି ଜୈନ, ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ପଶୁ ଚିକିତ୍ସାଳୟର ମୁଖ୍ୟ ଡାକ୍ତର ସୁଧାଂଶୁ ଶେଖର ବେହେରା ଏବଂ ଫରେଷ୍ଟ ଗାର୍ଡମାନେ ସାମିଲ ଥିଲେ । ଆସିକା ବନାଞ୍ଚଳର ଜୟପୁର, ଜଗତି ପଡିଆ, ଖାରିଆ, ହୁମୁକି, ପାଣ୍ଡିଆ ପଥର, ଗୁଣ୍ଡ ପୋଡା, ଭେଟନଇ, ବଡ଼ ଖୋଲି ଅଞ୍ଚଳରେ ବିଚରଣ କରୁଥିବା ସ୍ଥାନରେ ଗଣନା କରିଥିଲେ ୨୮ ଟିମ । ତେବେ ପ୍ରତିବର୍ଷ ଭଳି ଚଳିତବର୍ଷ କୃଷ୍ଣସାର ମୃଗଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଭଞ୍ଜନଗର ଡିଏଫ୍ଓ ବିପାଶା ପାରୁଲ କହିଛନ୍ତି ।



## ବ୍ଲକସ୍ତରୀୟ ୱାଟର ସେଡ୍ ମହୋତ୍ସବ




ସାନଖେମୁଣ୍ଡି,୨୯ ।୧(ସମିସ): ସାନଖେମୁଣ୍ଡି ବ୍ଲକ ପଦ୍ମପୁର ପଞ୍ଚାୟତରେ ବ୍ଲକସ୍ତରୀୟ ବ୍ଲକ ସ୍ତରୀୟ ୱାଟର ସେଡ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗ ଦେଇଥିବା ବେଳେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର, ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ମୃତ୍ତିକା ସଂରକ୍ଷଣ ଉପନିର୍ଦ୍ଦେଶକ ତଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ମୃତ୍ତିକା ସଂରକ୍ଷଣ ଏବଂ ଜଳସେଚନ ସହ ନିର୍ଦ୍ଦେଶକ ଇସ୍ମିତା ମିଶ୍ର, ଜ୍ୟୋତି ରଞ୍ଜନ ସ୍ୱାଇଁ, ସ୍ୱୟଂପ୍ରଭା ଦାସ, କୃଷି ବିକାଶ ଅଧିକାରୀ, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରବୀଣ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଲେଖା ପଣ୍ଡା, ସହକାରୀ ଉଦ୍ୟାନ ଅଧିକାରୀ, ଜିଲ୍ଲା ପରିଷଦ ସଭ୍ୟ ବିଜୟ ପ୍ରଧାନ, ଜିଲ୍ଲା ପରିଷଦ ପ୍ରତିନିଧି ରାଜୀବଲୋଚନ ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ । ଏହି ଅବସରରେ ଅଧିକାରୀ, ପ୍ରତିନିଧି, ସଫଳ ଚାଷୀମାନେ ଉପସ୍ଥିତ ଥିଲେ । ବିଭିନ୍ନ କିସମର ଚାଷ, ଜଳ ସଂରକ୍ଷଣ, ପଶୁ ସମ୍ପଦ, ଡାଲି, ତୈଳବୀଜ, ପନିପରିବା, ଫଳ ଚାଷ ଆଦିକୁ ପରିବର୍ତ୍ତିତ ଚାଷ ଭାବରେ ଗ୍ରହଣ କରିବାକୁ ଆହ୍ୱାନ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର କାର୍ଯ୍ୟରତ କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ଉପଭୋକ୍ତାମାନେ ସାମିଲ ହୋଇଥିଲେ ।

## କଲେଜ ସମ୍ମୁଖରେ ଛାତ୍ରୀଙ୍କୁ ଆକ୍ରମଣ

ସାନଖେମୁଣ୍ଡି,୨୯ ।୧(ସମିସ): ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି କଲେଜ୍ ଠାରୁ କିଛି ଦୂରରେ ଜଣେ +୨ ଛାତ୍ରୀଙ୍କୁ କିଛି ଯୁବକ ଆକ୍ରମଣ କରିଥିବା ଜଣାପଡିଛି । ସ୍ଥାନୀୟ ଲୋକେ ଓ ସହପାଠୀ ମାନେ ଆହତ ଛାତ୍ରୀଙ୍କୁ ପୋଡ଼ାମାରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଅବସ୍ଥା ଗୁରୁତର ଥିବାରୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ କିଏ ଓ କାହିଁକି ଏପରି ଆକ୍ରମଣ କଲା ଜଣା ପଡିନାହିଁ । ଖବର ଲେଖାହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇନଥିବା ପୁଲିସ କହିଛି ।

## ଖଣ୍ଡରୁରେ ମନ୍ତ୍ରୀଙ୍କ ଜନଶୁଣାଣି

ପୋଲସରା,୨୯ ।୧(ସମିସ): ପୋଲସରା ବ୍ଲକ ଖଣ୍ଡୁରୁ ପଞ୍ଚାୟତ ଖଣ୍ଡୁରୁ ଗ୍ରାମରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ଯୋଗଦେଇ ଖଣ୍ଡୁରୁ ପଞ୍ଚାୟତ ଅଧୀନ କୋଙ୍କରଡ଼ା, ଖଣ୍ଡୁରୁ ଗ୍ରାମବାସୀଙ୍କ ସମସ୍ୟା ଶୁଣିବା ସହ ମୌଳିକ ସୁବିଧା ଯୋଗାଇବାକୁ ପ୍ରାଥମିକତା ଦିଆଯିବା ସହ ପଞ୍ଚାୟତରେ ବସବାସ କରୁଥିବା ଗରିବ ଶ୍ରେଣୀର ଲୋକଙ୍କୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯିବ ବୋଲି କହିଥିଲେ । ସେହିପରି ଖଣ୍ଡୁରୁ ଗ୍ରାମକୁ ସଂଯୋଗ କରୁଥିବା ଏକ ବ୍ରିଜ କାମ ଖୁବ୍‌ଶୀଘ୍ର ଆରମ୍ଭ ନେଇ ସୂଚନା ଦେଇଥିଲେ । ଏହି ଅବସରରେ ଶତାଧିକ ମହିଳା ଓ ପୁରୁଷ ନିଜ ନିଜର ଅଭିଯୋଗପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ପ୍ରଭାକର ପଣ୍ଡା, ମଣ୍ଡଳ ସଭାପତି ରାଜେନ୍ଦ୍ର ପାତ୍ର, ପ୍ରଶାନ୍ତ ପ୍ରଧାନ, ଦୀପକ ପୋଲାଇ, ରଘୁନାଥ ପଣ୍ଡା, ଶମ୍ଭୁ ସାହୁ, କୃଷ୍ଣଚନ୍ଦ୍ର ଜେନାଙ୍କ ସମେତ ସମସ୍ତ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ସୀମାଞ୍ଚଳଙ୍କୁ ଯାଦବର ସମାଜ ସମ୍ବର୍ଦ୍ଧନା

ଦିଗପହଣ୍ଡି,୨୯ ।୧(ସମିସ): ଦିଗପହଣ୍ଡି ବ୍ଲକ ବମକେଇ ଗ୍ରାମ ବଡ଼ସାହିର ପ୍ରହ୍ଲାଦ ନାଟକର ରାଜା ହିରଣ୍ୟକଶ୍ୟପ ଭୂମିକାରେ ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ନିରବଚ୍ଛିନ୍ନ ଭାବେ ଅଭିନୟ କରିଥିବା ସିମାଞ୍ଚଳ ପାତ୍ରଙ୍କୁ କେନ୍ଦ୍ର ସରକାର ପଦ୍ମଶ୍ରୀ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରିଛନ୍ତି । ଯାଦବ କୁଳରେ ଜନ୍ମିତ ସିମାଞ୍ଚଳଙ୍କୁ ଗୁରୁବାର ଗଞ୍ଜାମ ଜିଲ୍ଲା ଖେମୁଣ୍ଡି ତାଲୁକା ଯାଦବ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଯାଦବ ସମାଜ ସଭାପତି ଏ. ଜଗନ୍ନାଥ ପାତ୍ର, ସମ୍ପାଦକ ବାବାଜୀ କନ୍ୟାରି, ଉପଦେଷ୍ଟା ଏ. ବୁଦ୍ଧିଆ ପାତ୍ର, କାର୍ଯ୍ୟକର୍ତ୍ତା ଦଣ୍ଡପାଣି ପାତ୍ର, କାମରାଜୁ ପାତ୍ର ପ୍ରମୁଖ ବମୋକେଇ ଗ୍ରାମ ସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ମାଲ୍ୟାର୍ପଣ ପରେ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।



## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଖଲ୍ଲିକୋଟ,୨୯ ।୧(ସମିସ): ଖଲ୍ଲିକୋଟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁମାରୀ ଦାସ, ବିଡ଼ିଓ ଦେବାଶିଷ ସାମଲ, ତହସିଲଦାର ଡି. ମାଲେଶ୍ୱର ପାତ୍ର, ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଦୀପ କୁମାର ଗନ୍ତାୟତ, ଅତିରିକ୍ତ ତହସିଲଦାର ମାନସ ରଞ୍ଜନ ବେହେରା, ଏବିଡ଼ିଓ ଗୀତାଞ୍ଜଳୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକର ବିଭିନ୍ନ ପଞ୍ଚାୟତରୁ ୨୭୩ ଜଣ ଦିବ୍ୟାଙ୍ଗ ପୁରୁଷ ଓ ମହିଳା ନିଜ ନିଜର ନାମ ପଞ୍ଜିକରଣ କରିଥିଲେ । ଶିବିରରେ ୯ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୬ ଜଣଙ୍କୁ ହ୍ୱିଲ ଚେୟାର, ୬ ଜଣଙ୍କୁ ଭିନ୍ନକ୍ଷମ କିଟ ଏବଂ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ବିଭିନ୍ନ ବିଭାଗର କର୍ମଚାରୀ ମାନେ ଏବଂ ସମସ୍ତ ପଞ୍ଚାୟତ ର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିବା ବେଳେ ଆରସିଏମ କଲେଜ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।



## ଦୁଷ୍କର୍ମ ମାମଲାରେ ଫେରାର୍ ଅଭିଯୁକ୍ତର ଆତ୍ମସମର୍ପଣ

ପାରଳାଖେମୁଣ୍ଡି,୨୯ ।୧(ସମିସ): ଗୋଷାଣି ବ୍ଲକର ମଧୁସୁଦନପୁର ପଞ୍ଚାୟତର ସମିତିସଭ୍ୟ ଆର. ବାସୁଦେବ ରାଓ ଜିଲ୍ଲା ନ୍ୟାୟଳୟରେ ମଙ୍ଗଳବାର ଆତ୍ମସମର୍ପଣ କରିଥିବା ତାଙ୍କ ଓକିଲ ଡି. ଭେଙ୍କଟରାଓ ପ୍ରକାଶ କରିଛନ୍ତି । ସୂଚନା ଅନୁଯାୟୀ ବାସୁଦେବ ରାଓ ଗତ ବିଧାନସଭା ନିର୍ବାଚନ ସମୟରେ ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କୁ ଦୁଷ୍କର୍ମ କରିବା ଅଭିଯୋଗ ହୋଇଥିଲା । ତା ସହିତ ସେ ଉକ୍ତ ମହିଳାଙ୍କୁ ଜାତିଆଣ ଆକ୍ଷେପ କରିଥିବା ନେଇ ଅଭିଯୋଗ ହୋଇଥିଲା । ପରେ ଗୁରାଣ୍ଡି ଥାନାରେ ଏନେଇ ମାମଲା ରୁଜୁ ହେବା ପରେ ବାରମ୍ବାର ଗିରଫ ପରୱାନା ଜାରି କରାଯାଇଥିବା ବେଳେ ସେ ଫେରାର ଥିବା ଜଣାପଡ଼ିଥିଲା ।

# ଶୁଣିଲାନି ପ୍ରଶାସନ; କେନାଲ ସଫେଇ କଲେ ଚାଷୀ

କୁକୁଡ଼ାଖଣ୍ଡି,୨୯ ।୧(ସମିସ)



ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ବ୍ୟାପକ ଯୋଜନା କରିଛନ୍ତି । ଜଳସେଚନ ଠାରୁ ଆରମ୍ଭ କରି ବିହନ, ରିହାତି ଦରରେ କୃଷି ଯନ୍ତ୍ରପାତି ଓ ସାର ଯୋଗାଣ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ବିଭିନ୍ନ ସ୍ଥାନରେ ଚାଷୀ ଏହାର ସୁଫଳ ପାଇପାରୁନାହାନ୍ତି । ଏପରି ଏକ ଘଟଣା କୁକୁଡ଼ାଖଣ୍ଡି ବ୍ଲକର ଲାଠୀ ଅଞ୍ଚଳରେ ଦେଖିବାକୁ ମିଳିଛି । ପ୍ରଶାସନ ନଶୁଣିବାରୁ ୨ କିମି ପର୍ଯ୍ୟନ୍ତ ଶାଖା କେନାଲକୁ ସଫେଇ କରିଛନ୍ତି ଅଞ୍ଚଳର ମହିଳା ଓ ପୁରୁଷ ଚାଷୀ ।

ପ୍ରକାଶ ଯେ, ଲାଠୀ, ବେନ୍ଦାଳିଆ ଓ ସୁକୁଣ୍ଡା ଗ୍ରାମର ପ୍ରାୟ ୧ ହଜାର ଏକର ଜମିକୁ ଜଳସେଚନ ନିମନ୍ତେ ସୁକୁଣ୍ଡା ଗାଁ ମୁଣ୍ଡରେ ବିଶାଳ ହ୍ରଦ ନିର୍ମାଣ କରାଯାଉଛି । ଏଥିରୁ ବର୍ଷସାରା ଜଳଯୋଗାଣ ହେଉଛି । ତେବେ ହ୍ରଦରେ ମାଟି ପୋତିହେବାରୁ ଏହାର ଜଳଧାରଣ କ୍ଷମତା କମି ଯାଇଥିଲା । ତେଣୁ ପ୍ରାୟ ୨ ବର୍ଷ ପୂର୍ବେ ହ୍ରଦର ପୁନରୁଦ୍ଧାର କରାଯାଇଥିଲା । ହେଲେ ନିୟମାନୁସାରେ ଏହି କାମ ହୋଇନି । ଫଳରେ ଏହାର ଜଳଧାରଣ କ୍ଷମତା କମିବା ସହ ଠିକଣା ସମୟରେ ଜମିକୁ ଜଳ ଯୋଗାଣ ହେଉନଥିବା ଚାଷୀ ଅଭିଯୋଗ କରିଛନ୍ତି । ସେହିପରି ହ୍ରଦରୁ ଲାଠୀ ଗାଁ ଜମିକୁ ଜଳ ଯୋଗାଣ ଲାଗି ଏକ ଛୋଟିଆ ଶାଖା କେନାଲ ନିର୍ମାଣ କରାଯାଇଛି । ବର୍ଷ ସାରା ଏହି କେନାଲରେ ଜଳ ଯୋଗାଣ ହେଉଛି । ସେଥିପାଇଁ ପ୍ରତିବର୍ଷ ପ୍ରଶାସନ ପକ୍ଷରୁ କେନାଲ ସଫେଇ କରାଯାଉଛି । ଫଳରେ ସୁରୁଖୁରୁରେ ଜଳ ଯୋଗାଣ ହେଉଛି । ହେଲେ ଗତ କିଛିବର୍ଷ ହେଲା ପ୍ରଶାସନ ଆଉ ଏହି କେନାଲ ସଫା କରୁନାହିଁ । ଫଳରେ ଚାଷୀ ପାଣି ପାଇଁ ହୀନସ୍ତା ହେଉଛନ୍ତି ।

ଚଳିତ ବର୍ଷ ଖରିଫ୍ ପରେ ଏବେ ରବି ଋତୁରେ ଜଳ ଯୋଗାଣ ଲାଗି ଚାଷୀ ଉଦ୍ୟମ ଆରମ୍ଭ କରିଛନ୍ତି । ଏଭଳି ସ୍ଥିତିରେ ଶାଖା କେନାଲ ସଫେଇ କରିବା ଲାଗି ଲାଠୀ ଅଞ୍ଚଳର ଚାଷୀ ବିଭାଗୀୟ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନକୁ ବାରମ୍ବାର ଅଗବତ କରି ବିଫଳ ହୋଇଥିଲେ । ଅପରପକ୍ଷେ କେନାଲ ସଫେଇ ଲାଗି ଟେଣ୍ଡର ହୋଇଛି ଏବଂ ଠିକଣା ସମୟରେ ଠିକାଦାର ଏହାର ସଫେଇ କାମ କରିବ ବୋଲି ବିଭାଗୀୟ ଯନ୍ତ୍ରୀ ଅତି ଖାମଖିଆଲ ଭାବେ କହିଥିଲେ । ବିଭାଗୀୟ ଯନ୍ତ୍ରୀଙ୍କ ଏତାଦୃଶ ମନ୍ତବ୍ୟ ଚାଷୀଙ୍କୁ ବ୍ୟଥିତ କରିଥିଲା । ସେଥିପାଇଁ ଲାଠୀ ଅଞ୍ଚଳର ମହିଳା ଓ ପୁରୁଷ ଚାଷୀମାନେ ନିଜ ଉଦ୍ୟମ ଓ ଶ୍ରମଦାନରେ ସୁକୁଣ୍ଡା ଠାରୁ ଲାଠୀ ପ୍ରାୟ ୨ କିମି ପର୍ଯ୍ୟନ୍ତ ଶାଖା କେନାଲକୁ ସଫେଇ କରିଛନ୍ତି । ତେଣୁ ବ୍ଲକ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳର ଚାଷୀ ଦାବି କରିଛନ୍ତି ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୨୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

## ଗୋପାଳପୁର ବେଳାଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟା

# 'ଆଧ୍ୟାତ୍ମିକ ଓ ସଂସ୍କୃତିର ମହାମିଳନ ଗୋପାଳପୁର ବିଚ୍ ଫେଷ୍ଟିଭାଲ'

## ଓଲିଉଡ୍ ନାଇଟ୍‌ରେ ଝୁମିଲେ ଦର୍ଶକ

## ପର୍ଯ୍ୟଟନ କ୍ୟାଲେଣ୍ଡରରେ ସ୍ଥାନ ପାଉ ଉତ୍ସବ







ବ୍ରହ୍ମପୁର,୨୯।୧(ସମିସ)

ଗୋପାଳପୁର ବେଳାଭୂମି ମହୋତ୍ସବର ଗୁରୁବାର ଥିଲା ତୃତୀୟ ସନ୍ଧ୍ୟା। ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି କହିଥିଲେ ଯେ, ଗୋପାଳପୁରର ପବିତ୍ର ଭୂମିରେ ରହି ଗୌରବନ୍ୱିତ ମନେ କରୁଛି। ବିଗତ ଦିନରେ ହୋଇଥିବା ମହୋତ୍ସବରେ ନିଜକୁ ସାମିଲ କରିଥିଲି। ଏହା ଭିତରେ ଅନେକ ପରିବର୍ତ୍ତନ ହୋଇଛି। ସର୍ବପ୍ରଥମେ ଏହି ମହୋତ୍ସବ ଆରମ୍ଭ କରିଥିବା ସେହି ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ମରଣ କରୁଛି। ଏହି ମହୋତ୍ସବ ସବୁଠାରୁ ନିଆରା। ସବୁ ବର୍ଗର ଜନସାଧାରଣଙ୍କ ଏଠାରେ ସମାଗମ ହୁଏ। ସମୁଦ୍ର ଆଳତି ଓ ବନ୍ଦନା ମତେ ଆନନ୍ଦିତ କରିଛି। ମହୋତ୍ସବରେ ଅନୁଷ୍ଠିତ ସମୁଦ୍ର ଆଳତି ସମୟରେ ସମୁଦ୍ର ଆଗକୁ ଆଗକୁ ଆସିଯିବାର ଅନୁଭବ ହେଲା। ଯାହା ଆଧ୍ୟାତ୍ମିକ ଓ ସାଂସ୍କୃତିକର ପ୍ରତିଫଳନ। ମହୋତ୍ସବରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ଏହାକୁ ଅଧିକ ଆକର୍ଷଣୀୟ କରିଛି। ସାମଗ୍ରିକ ବେଳାଭୂମି ମାନବ ସମାଜର ଜୀବନଶୈଳୀ ପାଇଁ ଆବଶ୍ୟକ ରହିଛି।

### ଜମିଲା ଓଲିଉଡ୍ ନାଇଟ

ଓଡିଆ ଚଳଚ୍ଚିତ୍ର ଜଗତର ଅଗ୍ରଣୀ ଅଭିନେତା / ଅଭିନେତ୍ରୀ ସିଦ୍ଧାନ୍ତ ମହାପାତ୍ର, ଅରିନ୍ଦମ ରୟ, ବୁଦ୍ଧାଦିତ୍ୟ ମହାନ୍ତି, ଉଷଶ୍ରୀ ମିଶ୍ର, ଶ୍ରୀତମ ଦାସ, ପୁପିନ୍ଦର ସିଂ, ସତ୍ୟଜିତ ପ୍ରଧାନ, ପ୍ରଜ୍ଞାନ ରଞ୍ଜନ ଖଟୁଆ, ଶଙ୍କର ପ୍ରଧାନ, ଶୀତଲ୍ ପାତ୍ର ପ୍ରମୁଖଙ୍କ ଚିତ୍ତାକର୍ଷକ ଅଭିନୟ, ନୃତ୍ୟ, ସଂଗୀତ ଦର୍ଶକଙ୍କୁ ବିଭୋର କରିଥିଲା।

### ସ୍ଥାନୀୟ କଳାକାରଙ୍କୁ ପ୍ରାଧାନ୍ୟ

ମହୋତ୍ସବର ତୃତୀୟ ଦିବସରେ ଓଡିଶୀ, ମଡର୍ଣ୍ଣ ଡ୍ୟାନ୍ସ, ସେମି କ୍ଲାସିକାଲ୍ ଡ୍ୟାନ୍ସ, ରାଜସ୍ଥାନୀ ଘୁମର୍, ପରଜା ଢେମସା, ଆସାମ ବିହୁ, ବଲାଙ୍ଗୀରର ଘୁଡକା, ପୁରୁଲିଆ ଛଉ, ଛେନ୍ଦ ମେଲମ୍ ନୃତ୍ୟ ସମସ୍ତଙ୍କୁ ବିଭୋର କରିଥିଲା।

ଏହା କିପରି ପରିଷ୍କାର ପରିଚ୍ଛନ୍ନ ରହିବ ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବା ଆବଶ୍ୟକ। ଯେଉଁ ଦେଶମାନେ ସମୁଦ୍ର ଦ୍ୱାରା ଲାଭାନ୍ୱିତ ହୋଇଛନ୍ତି, ସେମାନେ ଏହାର ସୁରକ୍ଷା ନେଉଛନ୍ତି। ପ୍ରତିବର୍ଷ ଜୁନ୍ ୮ରେ ସମୁଦ୍ର ଦିବସ ପାଳିତ ହେଉଛି। ଏହି ଦିବସର ଗୁରୁତ୍ୱକୁ ସମସ୍ତେ ବୁଝି ଗୋପାଳପୁରକୁ ସ୍ମରଣୀୟ କରିବା ଆବଶ୍ୟକ ରହିଛି ବୋଲି ବାଚସ୍ପତି କହିଛନ୍ତି। ଖଲ୍ଲିକୋଟ ରାଜାଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏ ମଞ୍ଚ ଓଡ଼ିଶାର ସଂସ୍କୃତି, ଭାଷା ଓ ସୁରକ୍ଷା ଓ ଏକତାର ବାର୍ତ୍ତା ଦେଉଛି। ଆଗାମୀ ଦିନରେ ଓଡିଶାରେ ମଧ ସମୁଦ୍ର ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉଛି। ଏହାକୁ ଗର୍ବର ସହକାରେ ପାଳନ କରିବାକୁ ବାଚସ୍ପତି ପରାମର୍ଶ ଦେଇଥଲେ। ଅନ୍ୟତମ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କହିଛନ୍ତି ଯେ, କଳା ଓ ସଂସ୍କୃତିକୁ ଆଗକୁ ନେବାରେ ଡବଲ ଇଞ୍ଜିନ ସରକାର ସଦାବେଳେ ଗୁରୁତ୍ୱ ଦେଇ ଆସିଛି। ଗୋପାଳପୁର ବେଳାଭୂମି ମହୋତ୍ସବ ନିଆରା ଓ ଅନନ୍ୟ ବୋଲି କହିଥିଲେ।

ଦିଗପହଣ୍ଡି ବିଧାୟକ ତଥା ସିନେ ତାରକା ଡ଼ ସିଦ୍ଧାନ୍ତ ମହାପାତ୍ର ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଗୋପାଳପୁର ବେଳାଭୂମି ମହୋତ୍ସବ ପୂର୍ବତଟର ଅନନ୍ୟ ଉତ୍ସବ। ଏହାକୁ ପର୍ଯ୍ୟଟନ କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଉ। ଗୋଟେ ତାରିଖ ନିର୍ଦ୍ଧାରଣ ହେଉ। କ୍ୟାଲେଣ୍ଡରରେ ନିର୍ଦ୍ଦିଷ୍ଟ ତାରିଖ ସ୍ଥାନ ପାଇଲେ ପର୍ଯ୍ୟଟକଙ୍କୁ ପ୍ରୋତ୍ସାହନ ମିଳିବ। ସରକାରଙ୍କ ନିକଟରେ ଏହି ଦାବି ରହିବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିଭଳି ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ କହିଛନ୍ତି ଯେ, ଗୋପାଳପୁର ବେଳାଭୂମି ସମ୍ପ୍ରତି ମହା ଉତ୍ସବରେ ପରିଗଣିତ ହୋଇଛି। ଉତ୍ସବରେ ଗଞ୍ଜାମର ଅଧିଷ୍ଠାତ୍ରୀ ମା'ଙ୍କ ଆଶୀର୍ବାଦ ରହିଛି। ପ୍ରତିବର୍ଷ ଏହା ଚାଲୁ ରହୁ। ଅନ୍ୟତମ ଅତିଥି ଭାବେ ମହୋତ୍ସବର ଉଦ୍ୟୋକ୍ତା ତଥା ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଦକ୍ଷିଣାଞ୍ଚଳ ପୁଲିସ ମହାନିରୀକ୍ଷକ ନିତି ଶେଖର, ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ଗଞ୍ଜାମ ଜିଲାପାଳ ଭି କିର୍ତିଭାସନ, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର, ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଏ ଜାନକୀ ରାମଙ୍କ ସମେତ ଅନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତ ହାସଲ କରିଥିବା ବ୍ୟକ୍ତିବିଶେଷ ଓ କ୍ରୀଡ଼ାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ ଜ୍ଞାପନ କରାଯାଇଥିଲା।

## ଚିକିଟି ବିଷାକ୍ତ ମଦମୃତ୍ୟୁ ମାମଲା

# ଗିରଫ ଅଭିଯୁକ୍ତ ସୁରେନ୍ଦ୍ରଙ୍କ ମୃତ୍ୟୁ

ବ୍ରହ୍ମପୁର,୨୯।୧(ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ନିକଟସ୍ଥ ଜେନାପୁର ଏବଂ କରବାଲୁଆ ଗାଁରେ ଘଟିଥିବା ବିଷାକ୍ତ ମଦମୃତ୍ୟୁ ଘଟଣାରେ କେ.ନୂଆଗାଁ ଥାନା ପୁଲିସ ଦ୍ୱାରା ଗିରଫ ସୁରେନ୍ଦ୍ର ମଲ୍ଲିକଙ୍କ ଗୁରୁବାର ମୃତ୍ୟୁ ଘଟିଛି। ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୨୪ ଅଗଷ୍ଟରେ ଗଞ୍ଜାମ ଜିଲ୍ଲା ଚିକିଟି ନିକଟସ୍ଥ ଜେନାପୁର ଏବଂ କରବାଲୁଆ ଗାଁଲୋକେ ମାଉନ୍ଦପୁରରେ ବିଷାକ୍ତ ମଦ ପିଇବା ପରେ ଏକାଧିକଙ୍କ ମୃତ୍ୟୁ ହୋଇଥିଲା। ଏହି ମାମଲାରେ ପୁଲିସ ପବନା ସାହୁ ଓରଫ ପ୍ରଭାକର ବାୟା ସାହୁ, ତାଙ୍କ ପୁଅ ବାପିନି ସାହୁ, ରବି ସାହୁ, ବଳରାମ ବିଷୋୟୀ, ସୁରେନ୍ଦ୍ର ମଲ୍ଲିକ, ରାମ ମଲ୍ଲିକ, ଦମ୍ପତି ନିର୍ମଳା ସାହୁ ଓ ଜୁଆରୀ ସାହୁ, ପୂର୍ଣ୍ଣ ସାହୁଙ୍କ ସମେତ ୯ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଗିରଫ ପରଠାରୁ ସେ ଜେଲ୍‌ରେ ରହିଆସୁଥିଲେ। କିଛିଦିନ ହେଲା ସୁରେନ୍ଦ୍ରଙ୍କ ସ୍ୱାସ୍ଥ୍ୟ ଖରାପ ରହିଥିଲା।

# 'କ୍ରାନ୍ତି' ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ




ବ୍ରହ୍ମପୁର,୨୯।୧(ସମିସ): ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ପ୍ରେକ୍ଷାଳୟରେ 'କ୍ରାନ୍ତି' ପକ୍ଷରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ 'ମେରୀ ଜାନ୍ ହିନ୍ଦୁସ୍ତାନ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼. ଦେବାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ଡ. କିଶୋର ହରି ବାଡ଼ତ୍ୟା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇଏସ୍‌ଆର୍‌ଡିର ନିର୍ଦ୍ଦେଶକ ସୁଧୀର ସାବତ ଯୋଗ ଦେଇଥିଲେ। ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ କ୍ରାନ୍ତି ଅନୁଷ୍ଠାନ ସହ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଅପରେସନ ସିନ୍ଦୁର ନୃତ୍ୟ ହୃଦୟସ୍ପର୍ଶୀ ହୋଇଥିଲା। ସଙ୍ଗଠନ ପକ୍ଷରୁ ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଦେବରାଜ ରାଉତ ଉଦଘୋଷକ ରୂପେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳା ଦାଶ, ଅନିଲ କୁମାର ସେଠୀ, ମାନସ ରଥ, ଅରୁଣ ପଟ୍ଟନାୟକ, ଏମ. ମାଧବ ପାତ୍ର, ଧନଞ୍ଜୟ ପାଣିଗ୍ରାହୀ, ଅବିନାଶ ନାୟକ, ପରମାନନ୍ଦ ପଣ୍ଡା, ବି. ସଞ୍ଜୟ ପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ଚର୍ଚ୍ଚିକା ଦାଶ ଓ ଚିନ୍ମୟାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପାଳପୁର ବେଳାଭୂମି ମହୋତ୍ସବରେ ଆଇନ ସହାୟତା ଷ୍ଟଲ ଉଦ୍‌ଘାଟିତ



ବ୍ରହ୍ମପୁର,୨୯।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ରଜନୀରେ ଅର୍ଥାତ ବୁଧବାର ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ ଅଶାନ୍ତ କୁମାର ଦାସଙ୍କ ଦ୍ୱାରା ତଥା ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟମୋକେଶ ନାୟକଙ୍କ ପରିଚାଳନାରେ ଗୋପାଳପୁର ବେଳାଭୂମିରେ "ଆଇନ ସହାୟତା ଷ୍ଟଲ'କୁ ଉଦ୍‌ଘାଟନ କରିଛନ୍ତି।

ଷ୍ଟଲ ଜରିଆରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା ଏବଂ ଲକ୍ଷ୍ୟ ତଥା କାର୍ଯ୍ୟକଳାପ ସମ୍ପର୍କରେ ବେଳାଭୂମିକୁ ଆସୁଥିବା ଜନସାଧାରଣ ତଥା ପର୍ଯ୍ୟଟକଙ୍କୁ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ପ୍ରଥମ), ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ଦ୍ୱିତୀୟ), ପରିବାର ଅଦାଲତ ଜଜ, ପୋକସୋ ଜଜ, ପିଓ ଓପିଆଇଡି ଏବଂ ବହୁ ବିଚାର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ପରିଚାଳନା କରିଥିବା ବେଳେ କୋର୍ଟ କର୍ମଚାରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ, ଏନଜିଓ ସାଥି ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୯।୧(ସମିସ): ଜଣୈକା ନାବାଳିକାଙ୍କୁ ଅପହରଣ ପରେ ଦୁଷ୍କର୍ମ ଅଭିଯୋଗରେ ନିମଖଣ୍ଡି ଥାନା ପୁଲିସ ଛତ୍ରପୁର ଅଞ୍ଚଳର ବିକ୍ରମ କୁମାର ନାୟକ (୨୨)କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପହୃତା ନାବାଳିକା(୧୬)କୁ ଉଦ୍ଧାର କରିବା ସହ ଉଭୟଙ୍କ ଡାକ୍ତରୀ ମାଇନା ସହ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।

ସୂଚନାଯୋଗ୍ୟ ଯେ, ୭ ମାସ ପୂର୍ବେ ନିମଖଣ୍ଡି ଥାନା ଅଞ୍ଚଳର ୧୬ବର୍ଷୀୟ ନାବାଳିକା ନିଖୋଜ ନେଇ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ବିକ୍ରମ ପାଖରେ ନାବାଳିକା ଥିବା ଜାଣିବାକୁ ପାଇଥିଲା। ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଶକ୍ତିମୟୀ ବେହେରା ନାବାଳିକାଙ୍କୁ ଛତ୍ରପୁରରୁ ଉଦ୍ଧାର କରିବା ସହ ବିକ୍ରମଙ୍କୁ ଗିରଫ କରିଥିଲା। ନାବାଳିକା ବଳାତ୍କାର ନେଇ ଥାନାରେ ଅଭିଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ବରିଷ୍ଠ ଖବର କାଗଜ ବିକ୍ରେତା ଭେଙ୍କଟ ରାଓ ଗୁରୁତର



ବ୍ରହ୍ମପୁର,୨୯।୧(ସମିସ): ଅସାବଧାନତା ଯୋଗୁ ଅଗ୍ନିକାଣ୍ଡ ଘଟି ବ୍ରହ୍ମପୁର ନ୍ୟୁଜ୍ ପେପର ହକର ସଂଘର ବରିଷ୍ଠ ସଦସ୍ୟ ପି. ଭେଙ୍କଟ ରାଓ (୭୦) ଗୁରୁତର ହୋଇଛନ୍ତି। ଆଜି ସନ୍ଧ୍ୟା ସମୟରେ ଭେଙ୍କେଟ ନିଜ ଘରେ ଥିବା ବେଳେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଯେଉଁଥିରେ ତାଙ୍କର ଦୁଇ ଗୋଡ଼ ପୋଡ଼ି ଯାଇଥିଲା। ତାଙ୍କର ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ଉଦ୍ଧାର କରିଥିଲେ। ପରେ ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଗୁରୁତର ଭେଙ୍କଟଙ୍କୁ ସ୍ଥାନୀୟ ଲୋକେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଖବର ପାଇ ତାଙ୍କର ଝିଅ ଓ ପୁଅ ପହଞ୍ଚିଛନ୍ତି। ଦୀର୍ଘବର୍ଷ ଧରି ଖବର କାଗଜ ବିକ୍ରେତା ଭାବେ କାର୍ଯ୍ୟ କରି ଆସୁଥିବା ଭେଙ୍କଟ ରାଓ ନିକଟରେ ହଠାତ୍ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ବର୍ତ୍ତମାନ ସାମାନ୍ୟ ସୁସ୍ଥ ହୋଇ ଆସୁଥିବା ବେଳେ ପୁଣି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି।

ଅଗ୍ନିକାଣ୍ଡରେ ଭେଙ୍କଟ ରାଓ ଆହତ ହୋଇଥିବା ସୂଚନା ପାଇ ବ୍ରହ୍ମପୁର ନ୍ୟୁଜ୍ ପେପର ହକର ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ଦୋରା, ସମ୍ପାଦକ ଲିଙ୍ଗରାଜ ଆଚାରୀ, ଅନନ୍ତ ଆପଟ, ନିରଞ୍ଜନ ସାହୁ, ଭାଗିରଥୀ ବେହେରା, ହରେକୃଷ୍ଣ ପାଢୀ ଓ ସକାଳର ଏଜେଣ୍ଟ ରାଧାକୃଷ୍ଣ ରଥ ପ୍ରମୁଖ ଡାକ୍ତରଖାନାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି।

## ସରକାରୀ ଓକିଲ ନିଯୁକ୍ତି ପରେ ଦ୍ୱନ୍ଦ୍ୱ

# ଡିଫେନ୍ସରେ ଥିବା ଓକିଲ ପ୍ରସିକ୍ୟୁସନରେ ରହି କରିବେ ଯୁକ୍ତି

ବ୍ରହ୍ମପୁର,୨୯।୧(ସମିସ)

ଗତ ଡିସେମ୍ବର ୨୪ରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ କୋର୍ଟ ପାଇଁ ସରକାରୀ ଓକିଲଙ୍କ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୂର୍ବରୁ ଜିଲ୍ଲାରେ ନନ୍ କ୍ୟାଡର ସରକାରୀ ଓକିଲଙ୍କ ସଂଖ୍ୟା ପ୍ରାୟ ୮୦ଥିବା ବେଳେ ତାହା ବର୍ତ୍ତମାନ ୧୭୫କୁ ବୃଦ୍ଧି ପାଇଛି। କମ୍ ସଂଖ୍ୟକ କୋର୍ଟ ଥିବା ସ୍ଥଳେ ଅଧିକ ସଂଖ୍ୟକ ସରକାରୀ ଓକିଲଙ୍କୁ ଓ କୋର୍ଟ ନଥାଇ ମଧ୍ୟ କେତେକ କ୍ଷେତ୍ରରେ ସରକାରୀ ଓକିଲଙ୍କୁ ନିଯୁକ୍ତି ଦିଆଯାଇଛି। ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲା ପାଇଁ ଉଦ୍ଦିଷ୍ଟ ତଥା ସ୍ଥାନୀୟ 'ଏଲଏଆରଆଣ୍ଡଆର' ବା ଜମି ଅଧିଗ୍ରହଣ, କ୍ଷତିପୂରଣ ଓ ପୁନଃ ଥଇଥାନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱର ଏପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ଏଭଳି ପରିସ୍ଥିତିରେ ସରକାରୀ ଓକିଲଙ୍କୁ ବା ଲ ଅଫିସରଙ୍କୁ ନିଯୁକ୍ତି ପୂର୍ବରୁ ସେମାନଙ୍କ ଠାରୁ 'ନୋ ପାୱାର କ୍ଲିୟରେନ୍ସ' ମଗାଯାଇଛି କି ନାହିଁ ତାକୁ ନେଇ ଉଠିଛି ପ୍ରଶ୍ନ। ରାଜନୈତିକ ଥଇଥାନ ପ୍ରକ୍ରିୟାରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ ହାତରେ ରହିଛି ବହୁ ମାମଲା। ଯଦ୍ୱାରା ସରକାରୀ ମାମଲା ଗୁଡିକ ଗୁରୁତର ଭାବେ ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ସରକାରୀ ଓକିଲ ଭାବେ ନିଯୁକ୍ତ ଆଇନଜୀବୀଙ୍କ ଠାରୁ ଘରୋଇ ମହକିଲଙ୍କ ମାମଲା ପରିଚାଳନା କ୍ଷମତା ତୁରନ୍ତ ରଦ୍ଦ କରାଯିବାକୁ ଆଇନଜୀବୀ ମହଲରେ ଦାବି ହୋଇଛି। ଏପରିକି ସେମାନଙ୍କ ହାତରେ ଥିବା ମାମଲା ଗୁଡିକର ତାଲିକା ମଗାଯାଇ ତାହାର ତର୍ଜମା କରାଯିବା ଉଚିତ ବୋଲି ଦାବି ହୋଇଛି। ନଚେତ ଗୋଟିଏ ଚାମ୍ବର ବା ଅଫିସ ଅଧିନରେ କାର୍ଯ୍ୟରତ ଆଇନଜୀବୀଙ୍କ ଦ୍ୱାରା ସମାନ ମାମଲା ପରିଚାଳନା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହା ହେଲେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା ପ୍ରଭାବିତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏଥିରେ ରାଜ୍ୟ ସରକାରଙ୍କ ଆଇନ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ପ୍ରଥମ)ଙ୍କ କୋର୍ଟରେ ସହଯୋଗୀ ସରକାରୀ ଓକିଲ ଭାବେ ନିଯୁକ୍ତ ବରିଷ୍ଠ ଆଇନଜୀବୀ ଅନୋଜ କୁମାର ପଟ୍ଟନାୟକ ନିଜ ମହକିଲଙ୍କୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ତଥା ତ୍ୟାଗ ମନୋବୃତ୍ତି ରଖି ନିଜ ପଦବୀରୁ ଇସ୍ତଫା ଦେଇଥିବା ଜଣାପଡିଛି। ଯାହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଏଭଳି ଅନେକ ତାଲିକା ଭୁକ୍ତ ସରକାରୀ ଓକିଲ ମଧ୍ୟ ଅଛନ୍ତି ଯେଉଁମାନେ କାର୍ଯ୍ୟରେ ଯୋଗଦାନ ନକରି ଦୋ ଦୋ ପାଞ୍ଚରେ ଥିବା ଜଣାପଡିଛି।




ନିକଟରେ ସରକାରଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ନିଯୁକ୍ତ ସରକାରୀ ଓକିଲ ବା 'ଲ ଅଫିସର'ଙ୍କ ହାତରେ ଥିବା ଅର୍ଥାତ୍ ସେମାନେ ପୂର୍ବରୁ ପରିଚାଳନା କରୁଥିବା ମାମଲା ଗୁଡିକର ଭବିଷ୍ୟତକୁ ନେଇ ଉଠିଛି ପ୍ରଶ୍ନ। ଦୀର୍ଘବର୍ଷ ଧରି 'ଡିଫେନ୍ସ' ବା ଅଭିଯୁକ୍ତଙ୍କ ସପକ୍ଷରେ ଯୁକ୍ତି ବାଢ଼ି ମୋକଦ୍ଦମା ପରିଚାଳନା କରି ଆସୁଥିବା ଅଭିଜ୍ଞ ଆଇନଜୀବୀଙ୍କୁ ବିଭିନ୍ନ କୋର୍ଟରେ ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଛି। ଫଳସ୍ୱରୁପ ସେମାନଙ୍କୁ ବର୍ତ୍ତମାନ ଅଭିଯୁକ୍ତଙ୍କ ସପକ୍ଷରେ ବା ଡିଫେନ୍ସରେ ନୁହେଁ ବରଂ ପ୍ରତିପକ୍ଷ ବା (ପ୍ରସିକ୍ୟୁସନ)ରେ ରହି ସରକାରଙ୍କ ପାଇଁ ଯୁକ୍ତି ବାଢିବାକୁ ହେବ। ଏଭଳି ସ୍ଥିତିରେ ସମ୍ପୃକ୍ତ ଅଭିଜ୍ଞ ତଥା ବରିଷ୍ଠ ଆଇନଜୀବୀ ଯାହାଙ୍କ ହାତରେ ପୁଳା ପୁଳା ମାମଲା ଥାଇ ବର୍ତ୍ତମାନ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଛନ୍ତି ସେମାନଙ୍କ ଦ୍ୱାରା ପରିଚାଳିତ ମାମଲା ଗୁଡିକର ଭବିଷ୍ୟତକୁ ନେଇ ଚର୍ଚ୍ଚା ଜୋର ଧରିଛି।

# ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ; ଖଣ୍ଡା ଚୋଟରେ ୩ ଆହତ

ବ୍ରହ୍ମପୁର,୨୯।୧(ସମିସ): ବ୍ରହ୍ମପୁର ଉପକଣ୍ଠ ନିମଖଣ୍ଡି ସ୍ଥିତ ପିଏମଶ୍ରୀ ଶ୍ରୀକୃଷ୍ଣ ସାହୁ ଉଚ୍ଚ ବିଦ୍ୟାଳୟର ଦୁଇ ଛାତ୍ରଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗୋଟିଏ ଗୋଷ୍ଠୀର ଖଣ୍ଡା ଚୋଟରେ ୩ ଜଣ ୧୦ମ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଏମକେସିଜିରେ ଭର୍ତ୍ତି କରାଯାଇଛି। ପ୍ରି-ବୋର୍ଡ ପରୀକ୍ଷା ଚାଲୁଥିବା ବେଳେ ବିଦ୍ୟାଳୟ ସମ୍ମୁଖରେ ଘଟିଥିବା ଏହି ସଂଘର୍ଷକୁ ନେଇ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀ ଆତଙ୍କିତ ହୋଇପଡ଼ିଛନ୍ତି। ପୁଲିସ ଘଟଣାସ୍ଥଳ ଓ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ପ୍ରକାରେ, ଦୁଇଦିନ ପୂର୍ବେ ପ୍ରଥମ ପରୀକ୍ଷା ସରିବା ପରେ କୌଣସି କାରଣକୁ ନେଇ ଦଶମ ଶ୍ରେଣୀର ଦୁଇ ଛାତ୍ରଙ୍କ ମଧ୍ୟରେ ଗଣ୍ଡୋଗଳ ହୋଇଥିଲା। ସେହିଦିନ ପ୍ରଧାନ ଶିକ୍ଷକ ଉଭୟ ପକ୍ଷଙ୍କୁ ଡାକି ବୁଝାସୁଝା କରି ଛାଡିଥିଲେ। ତେବେ ବୁଧବାର ପରୀକ୍ଷା ସରିବା ପରେ ଉଭୟ ଛାତ୍ରଗୋଷ୍ଠୀ ପୁଣିଥରେ ମୁହାଁମୁହିଁ ହୋଇଥିଲା। ଗୋଟିଏ ଗୋଷ୍ଠୀର ଛାତ୍ର କିଛି ଅଣଛାତ୍ରଙ୍କୁ ଡାକି ବିଦ୍ୟାଳୟ ବାହାରେ ବିପକ୍ଷ ଗୋଷ୍ଠୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ସତିଶ ନାୟକ ନାମକ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ହାତରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ସେହିପରି ସତିଶଙ୍କ ଅନ୍ୟ ଦୁଇ ସହପାଠୀ ଆହତ ହୋଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାନ୍ତୁନୁ ଦାଶ ଘଟଣା ସମ୍ପର୍କରେ ନିମଖଣ୍ଡି ଥାନାକୁ ଖବର ଦେଇଥିଲେ। ପୁଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଆହତ ନାବାଳକଙ୍କ ପରିବାର ଓ ଗ୍ରାମବାସୀ ବିଦ୍ୟାଳୟର ଫାଟକ ସମ୍ମୁଖରେ ହୋହାଲ୍ଲା କରିଥିଲେ। ପୁଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରକାଶ ଥାଉକି, ନିକଟରେ ଫୁଟଲା ଗ୍ରାମରେ ଥିବା ଉଚ୍ଚ ବିଦ୍ୟାଳୟରେ ସମାନ ଘଟଣା ଘଟିଥିଲା। ଗୋଟିଏ ଛାତ୍ରଗୋଷ୍ଠୀ ଓ ଅଣଛାତ୍ରଙ୍କ ଆକ୍ରମଣରେ ଏକାଧିକ ଛାତ୍ର ଆହତ ହୋଇଥିଲେ।

## ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କ ଗଜପତି ଗସ୍ତ

# ‘ମୃତଦେହ ନେବାକୁ ୧୦୯ ଗାଡ଼ିର ବ୍ୟବସ୍ଥା କରାଯିବ’




ପାରଳାଖେମୁଣ୍ଡି,୨୯ ।୧(ସମିସ): ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଗୁରୁବାର ଆସିଥିଲେ। ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗା ଓ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଯୋଗ ଦେଇଥିଲେ। ଜିଲ୍ଲାର କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଯୋଜନା ବିଷୟରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ ମନ୍ତ୍ରୀ। ଜିଲ୍ଲା ଯୋଗାଣ ବିଭାଗ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ସୁଭଦ୍ରା ଯୋଜନା, ଶିକ୍ଷା ବିଭାଗ ଓ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ସମେତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ସମୀକ୍ଷା କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଭିତ୍ତିଭୂମିର ଉନ୍ନତି ପାଇଁ ନିର୍ମାଣାଧୀନ ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ଯଥାଶୀଘ୍ର ସମାପ୍ତ କରାଯିବା ଉପରେ ମଧ୍ୟ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ପୂର୍ତ୍ତ ଓ କୋଠାବାଡି ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ସମସ୍ତ ଗୋଷ୍ଠୀ ଚିକିତ୍ସା ଅଧିକାରୀ ଯୋଗ ଦେଇଥିଲେ। ଏହାପରେ ମନ୍ତ୍ରୀ ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ସଦରମହକୁମାରେ ନିର୍ମିତ ଆୟୁ ଆରୋଗ୍ୟ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ପରେ ସାମ୍ବାଦିକଙ୍କୁ ସମ୍ବୋଧିତ କରିବା ସମୟରେ ଜିଲ୍ଲାରେ ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍‌ର ଘୋର ଅଭାବ ସହ ମହାପ୍ରୟାଣ ଗାଡ଼ି ନମିଳିବାରୁ ବାଇକ ଓ କାନ୍ଧରେ ବୋହି ମୃତଦେହ ନିଆଯାଉଥିବା ଘଟଣାକୁ ସ୍ୱୀକାର କରିଥିଲେ। ମହାପ୍ରୟାଣ ପରିବର୍ତ୍ତେ ଖୁବ୍‌ଶୀଘ୍ର ଦୁଇ ମାସ ମଧ୍ୟରେ ମୃତଦେହ ନେବାକୁ ୧୦୯ ଗାଡ଼ିର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ଖୁବ୍‌ଶୀଘ୍ର ଜିଲ୍ଲାର ସମସ୍ତ ୧୪୯ ପଞ୍ଚାୟତରେ ଆୟୁ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରିବା ସହ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯିବ। ଜିଲ୍ଲାର ୮ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ ୬ର ଉନ୍ନତି କରାଯିବ। ୨୧ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ମଧ୍ୟ ଉନ୍ନିତ କରାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୫୦ ଶଯ୍ୟା ବିଶିଷ୍ଟ କରାଯିବ ବୋଲି ସୂଚନା ଦେଇଥିଲେ।

## ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ବିଶ୍ୱ କଲ୍ୟାଣ ଯଜ୍ଞ

ପାରଳାଖେମୁଣ୍ଡି,୨୯ ।୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖ ଏବଂ ଅର୍ବାନ ପଡିଆରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ବିଶ୍ୱ କଲ୍ୟାଣ ଯଜ୍ଞ ଆରମ୍ଭ ହୋଇଛି। ଏଠାରେ ପ୍ରତିଷ୍ଠିତ ପଣ୍ଡିତ ଓ ପ୍ରବଚକ ଉପସ୍ଥିତ ରହି ଭକ୍ତ ମାନଙ୍କୁ ଜଗନ୍ନାଥ କଥାମୃତ ଶୁଣାଉଛନ୍ତି। ଆଜି ଘୃତଯଜ୍ଞ କାର୍ଯ୍ୟକ୍ରମ ଚାଲୁ ରହିବା ସହ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ହଜାର ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ପ୍ରଦାନ କରାଯାଉଛି। ଗତକାଲି କଳସଯାତ୍ରା ହୋଇଥିବା ବେଳେ ଆଜି ସମସ୍ତ ଯଥାରିତିରେ ଶ୍ରୀ ଜଗନ୍ନାଥ ଦେବଙ୍କ



ମନ୍ଦିରରେ ପଞ୍ଚରାତ୍ର ବିଶ୍ୱକଲ୍ୟାଣ ମହାଯଜ୍ଞ ହେଉଛି। ଏଥିଲାଗି ଗଜପତି ଜିଲ୍ଲା ସମେତ ପଡୋଶୀ ଆନ୍ଧ୍ର ପ୍ରଦେଶର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଗୁରୁବାର ଗଜପତି ଗସ୍ତରେ ଆସିଥିବା ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଜଗନ୍ନାଥଙ୍କ ଦର୍ଶନ କରି ବିଶେଷ ପୂଜାର୍ଚ୍ଚନା କରିଥିଲେ। ସେହିପରି ଆଜି ପବିତ୍ର ଭୀଷ୍ମ ଏକାଦଶୀ ତିଥିରେ ସହରର ବିଭିନ୍ନ ମଠ ମନ୍ଦିରରେ ହରିନାମ ସଂକୀର୍ତ୍ତନ ଠାରୁ ଆରମ୍ଭ କରି ପୂଜାର୍ଚ୍ଚନା କରିଥିଲେ ଭକ୍ତ ବା ଶ୍ରଦ୍ଧାଳୁ ମାନେ।

## ମନରେଗାର ନାମ ପରିବର୍ତ୍ତନକୁ କଂଗ୍ରେସର ବିରୋଧ



ଦାରିଙ୍ଗବାଡି,୨୯।୨(ସମିସ): ମନରେଗାର ନାମ ପରିବର୍ତ୍ତନକୁ ବିରୋଧ କରି ଗୁରୁବାର ଦାରିଙ୍ଗବାଡ଼ି କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ବ୍ଲକ କଂଗ୍ରେସ ସଭାପତି ଜିରୀମିୟ ପ୍ରଧାନଙ୍କ ଅଧ୍ୟକ୍ଷତା ଆୟୋଜିତ ସଭାରେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଓ ଅତିଥି ଭାବେ ଦଳର ଜିଲ୍ଲା ସଭାପତି ଚନ୍ଦ୍ରଶେଖର ପରିଡା, ଜିଲ୍ଲା ପରିଷଦ ସଭ୍ୟା ଦୀପିକା ମୁଠାମାଝି, କଂଗ୍ରେସ ନେତ୍ରୀ ରୁଦା ମଲ୍ଲିକ, ପୂର୍ବତନ ସମିତି ଅଧ୍ୟକ୍ଷ ଲୁକ ସୁନାମାଝୀ ଓ ଜିଲ୍ଲା ସମ୍ପାଦକ ପ୍ରମୋଦ ଦିଗାଲ ଯୋଗ ଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରା ଦେଇଥିଲେ। ମନରେଗାର ନାମ ପରିବର୍ତ୍ତନ କରି ‘ଭିବି ଜି ରାମ ଜୀ’ ବା ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଆଣ୍ଡ ଆଜିବିକା ମିଶନ ନାମକରଣ କରିଛନ୍ତି ସରକାର। ମହାତ୍ମାଗାନ୍ଧୀଙ୍କ ନାମକୁ ଲୋପ କରିବାକୁ ବିଜେପି ପକ୍ଷରୁ ବଡ଼ ଷଡଯନ୍ତ୍ର କରାଯାଉଥିବା ବିଧାୟକ ଶ୍ରୀ ପ୍ରଧାନ ଏବଂ ଜିଲ୍ଲା ସଭାପତି ଅଭିଯୋଗ ଆଣିଥିଲେ। ଏନେଇ ଦଳ ପକ୍ଷରୁ ସଭା ପରେ ଶୋଭାଯାତ୍ରା ବାହାରି ଦାରିଙ୍ଗବାଡି ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପରିସରରେ ଦଳର ନେତା ଓ କର୍ମୀ ପହଞ୍ଚି ଧାରଣା ଦେଇଥିଲେ। ପରେ ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ରେ ଶତାଧିକ କଂଗ୍ରେସ କର୍ମୀ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## କଳିଙ୍ଗ ମହାବିଦ୍ୟାଳୟର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ଜି.ଉଦୟଗିରି,୨୯।୧(ସମିସ): ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍‌ର ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ, ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗିରିଶ କୁମାର ମୁଠାମାଝି ଓ ସରିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ଶିବିରରେ ସ୍ୱେଚ୍ଛାସେବୀ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟ କରିଥିଲେ। ଏହି ଅବସରରେ ବିଭିନ୍ନ ବିଷୟରେ ଆଖପାଖ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଆୟୋଜିତ ବିଭିନ୍ନ ପାଠ୍ୟ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀଙ୍କ ସାମାଜିକ, ବ୍ୟବହାରିକ ଜ୍ଞାନର ବୃଦ୍ଧି ପାଇଁ ଏନଏସଏସ. ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼.ନଳିନୀ କୁମାର ପାଣିଗ୍ରାହୀ ଶିବିରରେ ଯୋଗ ଦେଇ ଏହାର ଲକ୍ଷ୍ୟ ଓ ବ୍ୟକ୍ତିତ୍ୱର ବିକାଶ ଉପରେ ଆଲୋକପାତ କରିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ବିଭିନ୍ନ ଅଗ୍ନି ନିରାପତ୍ତା ସଚେତନତା ଶିକ୍ଷା ଦେଇଥିଲେ। ଗୁମାଗଡ଼ ଚିକିତ୍ସାଳୟର ଡ଼.ପ୍ରଶାନ୍ତ କୁମାର ମହାପାତ୍ର ଏଡ଼ସ୍, କର୍କଟ, ସ୍ତ୍ରୀ ରୋଗ, ଫାଇଲେରିଆ, ମେଲେରିଆ ଆଦି ବିଷୟରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନର ଅଧ୍ୟାପକ ଡ଼ ରାଜେଶ ବାଗ ସ୍ୱେଚ୍ଛାସେବୀଙ୍କୁ ସାମାଜିକ ପରିବର୍ତ୍ତନରେ ଯୁବବର୍ଗଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥ ଭାବେ ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶୀଳା ପ୍ରଧାନ, ମୁଖ୍ୟବକ୍ତା ଗୁଡୁରିପଡ଼ି ଏମ୍‌ଏମ୍‌ସି ଡାକ୍ତରଖାନାର ଡ଼. ପ୍ରଦୀପ ଚନ୍ଦ୍ର ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଅଧ୍ୟାପିକା ସୁପ୍ରିୟା ମହାନ୍ତି ଯୋଗ ଦେଇଥିଲେ। ଶେଷରେ ଜାତୀୟ ସେବା ଯୋଜନାର ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା



ଜି.ଉଦୟଗିରି,୨୯।୧(ସମିସ): ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଶିବରାମ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ ଛାତ୍ରୀ ବିଭିନ୍ନ ପ୍ଲାକାର୍ଡ ଧରି ସଚେତନତା ନାରା ଦେଇ ସହର ପରିକ୍ରମା କରିଥିଲେ। କଲେଜରୁ ଶୋଭାଯାତ୍ରା ବାହାରି ଗାନ୍ଧିଛକ, ଚକରା ବିଶୋଇ ଛକ ଦେଇ ପୁଣି କଲେଜରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଅଧ୍ୟାପିକା ବବିତାରାଣୀ ପଟ୍ଟନାୟକ, ମିନତୀ ଦାଶ, ସସ୍ମିତା ଦାଶ ଓ ସୁଧାରଣୀ ପାତ୍ର ଯୋଗ ହୋଇଥିଲେ। ସ୍ଥାନୀୟ ପୁଲିସ ସାମିଲ ହୋଇଥିଲା।

## ଭାରତୀୟ ମାନବାଧିକାର ପରିଷଦର ଜନସଚେତନତା ଅଭିଯାନ

ପାରଳାଖେମୁଣ୍ଡି,୨୯ ।୧(ସମିସ): ସ୍ୱାଧୀନତା ସଂଗ୍ରାମୀ ଲାଲା ଲଜପତ ରାୟଙ୍କ ଜୟନ୍ତୀ ଅବସରରେ ପାରଳାଖେମୁଣ୍ଡିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାରତୀୟ ମାନବାଧିକାର ପରିଷଦ ତରଫରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ନ୍ୟାୟାଳୟର କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଙ୍ଗଠନର ଜିଲ୍ଲା ସଭାପତି କୁମାର ରେଡ୍ଡୀ ସ୍ୱାଗତ ସମ୍ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗଠନର ରାଜ୍ୟ ସମ୍ପାଦକ




ହରିମୋହନ ପଟ୍ଟନାୟକ ଓ ରାଜ୍ୟ ଅଧ୍ୟକ୍ଷ ଏଲ.କେ. ପାଢ଼ୀ ଉପସ୍ଥିତଙ୍କୁ ବିଭିନ୍ନ ଅଧିକାର ବିଷୟରେ ସଚେତନ କରାଇଥିଲେ। ପରେ ଏ ଅବସରରେ ଭାରତୀୟ ମାନବାଧିକାର ପରିଷଦ ପକ୍ଷରୁ କିଛି ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ତଥା ପରିଚୟପତ୍ର ପ୍ରଦାନ କରାଯାଇଥିଲା। ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ଲୋକନାଥ ମିଶ୍ର, ସଂଗ୍ରାମ ମହାରଣା ଓ ସୁବ୍ରତ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୪ ଘଣ୍ଟାରେ ଅପହୃତ ଶିଶୁ ଉଦ୍ଧାର



ବାଲିଗୁଡ଼ା,୨୯।୧(ସମିସ): ଅପହରଣର ୨୪ ଘଣ୍ଟା ପରେ ତୁମଡିବନ୍ଧ ପୁଲିସ ଜଣେ ଶିଶୁଙ୍କୁ ଉଦ୍ଧାର କରିଛି। ସୂଚନା ପ୍ରକାରେ, ଦୁଇଦିନ ତଳେ ତୁମୁଡିବନ୍ଧ ଥାନା ଅନ୍ତର୍ଗତ ଜରିଘାଟି ଗ୍ରାମର ଜଣେ ବ୍ୟକ୍ତିଙ୍କ ସାଢେ ୩ ବର୍ଷର ଶିଶୁକନ୍ୟା ନିଖୋଜ ନେଇ ଅଭିଯୋଗ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଇନ୍ସପେକ୍ଟର ଏସ ସାମନ୍ତରାୟ ଓ ଏସଆଇ ଆଶୁତୋଷ ଜେନାଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ ବାଲିଗୁଡ଼ା ଏସଡିପିଓ ଶୁଭମ ଭୋସଲେ। ଏହାପରେ ଖଣ୍ଡିଆଗୁଡ଼ା ଗ୍ରାମରୁ ନିଖୋଜ ଝିଅକୁ ଉଦ୍ଧାର କରିଛି ସ୍ୱତନ୍ତ୍ର ପୁଲିସ ଟିମ। ଉଦ୍ଧାର ପରେ ଝିଅକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ଦେଇଛନ୍ତି ବାଲିଗୁଡ଼ା ଏସ୍‌ଡିପିଓ।

## ରାମ ମନ୍ଦିର ହୁଣ୍ଡିରୁ ଚୋରି

ଜି.ଉଦୟଗିରି,୨୯।୧(ସମିସ): ଜି.ଉଦୟଗିରି ନିକଟସ୍ଥ କକଟି ପଦାସାହିସ୍ଥିତ ଅସ୍ଥାୟୀ ରାମ ମନ୍ଦିରର ଦାନ ହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ମନ୍ଦିର ନିର୍ମାଣ କାମ ଚାଲିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଅସ୍ଥାୟୀ ମନ୍ଦିର ଷ୍ଟୋର୍ ରୁମରେ ପଶି ଭିତରେ ଥିବା ଦାନ ହୁଣ୍ଡି ତାଲା ଭାଙ୍ଗି ଲକ୍ଷାଧିକ ଦାନ ଟଙ୍କା ନେଇଯାଇଥିଲେ। ସକାଳୁ କମିଟି ଉପଦେଷ୍ଟା ସୁଦାମ ପାତ୍ର ନିର୍ମାଣ କାର୍ଯ୍ୟକ୍ରମ ଦେଖିବାକୁ ଯାଇ ଚୋରି ହୋଇଥିବା ଜାଣି ପରିଚାଳନା କମିଟିକୁ ଖବର ଦେଇଥିଲେ। ଘଟଣାର ଗୁରୁତ୍ୱକୁ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ଜରୁରୀ ବୈଠକ କମିଟି ସଭାପତି ସନ୍ତୋଷ କୁମାର ବାଘ, ଉପ ସଭାପତି ଦୁର୍ଗା ମାଧବ ପଟ୍ଟନାୟକ, କୋଷାଧ୍ୟକ୍ଷ ହେମନ୍ତ ପ୍ରଧାନ, ଉପଦେଷ୍ଟା ମଣ୍ଡଳୀ ସଂଜୀବ ପ୍ରଧାନ, ସୁଦାମ ପାତ୍ର, ସଚିକାନ୍ତ ମହାପାତ୍ର ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତରେ ଆଲୋଚନା କରାଯିବା ସହିତ ଥାନାକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ପହଞ୍ଚି ତଦନ୍ତ କରୁଛି।

## ନିଖୋଜ ମହିଳାଙ୍କ ଗଳିତ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିଗୁଡ଼ା,୨୯।୧(ସମିସ): ନିଖୋଜ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି ବେଲଘର ଥାନା ପୁଲିସ। ମୃତ ମହିଳା ହେଲେ ଡୁମେଗୁଡ଼ା ଗ୍ରାମର ସମ୍ବରୀ ମାଝୀ। ୩ ବର୍ଷ ପୂର୍ବେ ବେଲଘର ଥାନା ଅଞ୍ଚଳ ଝିରିପାଣି ପଞ୍ଚାୟତ ଦେସୁଘାଟିର ପ୍ରକାଶ ଜାନୀଙ୍କୁ ସମ୍ବରୀ ବିବାହ କରିଥିଲେ। ହେଲେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ବଚସା ପରେ ସମ୍ବରୀ ଘର ଛାଡ଼ି ପଳାଇଥିଲେ। ବହୁ ଖୋଜାଖୋଜି ପରେ ଜାନୁଆରୀ ୧୧ରେ ବେଲଘର ଥାନାରେ ଅଭିଯୋଗ କରିଥିଲେ ସ୍ୱାମୀ ପ୍ରକାଶ। ଆଜି ଭୋର୍‌ରେ ପ୍ରକାଶ ସ୍ତ୍ରୀର ଗଳିତ ମୃତଦେହ ଠାବ କରି ପୁଲିସକୁ ଜଣାଇଥିଲେ। ବେଲଘର ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରୁଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନି।

## ମଧ୍ୟାହ୍ନଭୋଜନ କେଳେଙ୍କାରୀ ଘଟଣା ଚପାଇ ଦେବାକୁ ଉଦ୍ୟମ

ଦାରିଙ୍ଗବାଡି,୨୯।୧(ସମିସ): ଗତ ଶନିବାର ଡକରବାଡ଼ି ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଥିବା ବେଳେ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ନପାଇ ଭୋକରେ ଘରକୁ ଫେରିଥିଲେ। ଛାତ୍ରଛାତ୍ରୀ ସ୍କୁଲ ଆସିଥିବା ବେଳେ କୌଣସି ଶିକ୍ଷକ ନଆସିବାରୁ ଏପରି ହୋଇଥିଲା। ଉକ୍ତ ଘଟଣାକୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦରମା ବନ୍ଦ କରିବା ସହ ନୋଟିସ୍ ଜାରି କରି ୩ ଦିନ ମଧ୍ୟରେ କାରଣ ଦର୍ଶାଇବାକୁ ୫ ଜଣ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଘଟଣାର ୬ ଦିନ ବିତିଯାଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ତଦନ୍ତ କରାଯାଇନାହିଁ। ଏଭଳି ଭାବେ ଘଟଣାକୁ ଚପାଇ ଦେବାକୁ ବିଭାଗୀୟ ଅଧିକାରୀ ଉଦ୍ୟମ କରୁଥିବା ଆଲୋଚନା ହେଉଛି।

## ଜଳିଗଲା ୬ ବଖରା ସହ ଦୋକାନ ଘର



ଫିରିଙ୍ଗିଆ,୨୯।୧(ସମିସ): ଫିରିଙ୍ଗିଆ ବ୍ଲକ ନୂଆପଦର ପଞ୍ଚାୟତ କାଳିପାଙ୍ଗା ଗାଁରେ ଅଗ୍ନିକାଣ୍ଡ ଘଟି ୬ ବଖରା ଘର ସହ ଏକ ଦୋକାନ ଘର ପୋଡ଼ି ପାଉଁଶ ହୋଇଯାଇଛି। ଦୋକାନଟି ପ୍ରତାପ କୁମାର ସାହୁଙ୍କର ବୋଲି ଜଣାପଡିଛି। ପ୍ରତାପ ସେହି ଗାଁର ପୁରସ୍ତମ ସାହୁଙ୍କ ଘର ଭଡ଼ା ନେଇ ଏକ ଗ୍ରୋସରୀ ଦୋକାନ କରିବା ସହ ତାଙ୍କ ପରିବାର ସେହି ଘରେ ରହି ଆସୁଥିଲେ। ପ୍ରତାପଙ୍କ ସ୍ତ୍ରୀ ରୋଷେଇ କରିବା ସମୟରେ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଯାଇଥିଲା। କମ ସମୟ ମଧ୍ୟରେ ନିଆଁ ଚାରିଆଡେ ବ୍ୟାପିଯାଇଥିଲା। ଗ୍ରାମବାସୀ ପାଇଁ ନିଆଁ ଲିଭାଇବା ସମ୍ଭବ ହୋଇପାରିନଥିଲା। ଚାହୁଁ ଚାହୁଁ ନିଆଁରେ ୬ ବଖରା ସହ ଦୋକାନ ଜଳି ଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।୧୦ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡି ଯାଇଥିବା ପରିବାର ଲୋକେ କହିଛନ୍ତି। କ୍ଷୟକ୍ଷତିର ଆକଳନ କରି ପ୍ରଶାସନ ତରଫରୁ ଯାହା ସୁବିଧା ହୋଇପାରିବ ତାହା କରାଯିବ ବୋଲି ଫିରିଙ୍ଗିଆ ତହସିଲଦାର କହିଛନ୍ତି।

## ମହିଳାଙ୍କୁ ହଜିଥିବା ସୁନାହାର ଫେରାଇଲା ପୁଲିସ

ଫିରିଙ୍ଗିଆ/ଫୁଲବାଣୀ,୨୯।୧(ସମିସ): ଜଣେ ମହିଳା ବ୍ୟାଙ୍କ ଆସି ନିଜ ସୁନା ହାର ହଜାଇବା ପରେ ପୁଲିସ ସହାୟତାରେ ଫେରି ପାଇଛନ୍ତି। ଖଜୁରିପଡା ଥାନା ଗୁଦାରୀ ପଂଚାୟତ କୁଟିବାରୀ ଗାଁର ସରିତା ବେହେରା ଝିଅ ସହ ସ୍କୁଟିରେ ବୁଧବାର ଫୁଲବାଣୀର ଏକ ବ୍ୟାଙ୍କକୁ ଋଣ କରିବାକୁ ଆସିଥିଲେ। ସେଠାରୁ ଫେରି ଘରେ ପହଞ୍ଚିଲା ପରେ ସାଙ୍ଗରେ ନେଇଥିବା ହାର ନ ଥିବା ଜାଣିବାକୁ ପାଇଥିଲେ। ସରିତା ଫୁଲବାଣୀ ଟାଉନ୍ ଥାନାକୁ ଆସି ଘଟଣା ବିଷୟରେ ଅବଗତ କରିଥିଲେ। ପୁଲିସ ସଂଗେ ସଂଗେ ବ୍ୟାଙ୍କ ପାଖକୁ ଯାଇ ସିସିଟିଭି




ଫୁଟେଜ ଯାଞ୍ଚ କରିଥିଲା। ଜଣେ ଅଟୋ ଚାଳକ ବ୍ୟାଙ୍କ ସମ୍ମୁଖରୁ ହାର ପାଇ ନେଇଥିବା ଜଣାପଡ଼ିଥିଲା। ଅଟୋ ଚାଳକଙ୍କ ପରିଚୟ ଖୋଜି ପାଇବା ପରେ ପୁଲିସ ଯାଇ ସେ ରହୁଥିବା ପିଅନପଡ଼ାସ୍ଥିତ କାଳୀମନ୍ଦିର ସାହିରେ ପହଞ୍ଚିଥିଲା। ଚାଳକ ରଂଜିତ ଚୌଧୁରୀଙ୍କୁ ପଚରା ଉଚରା କରିବା ପରେ ସେ ହାର ପାଇଥିବା କହି ପୁଲିସକୁ ଫେରାଇଥିଲେ। ପୁଲିସ ହାରଟି ଆଣି ମହିଳାଙ୍କୁ ଫେରାଇଥିଲା। ଥାନା ଏସ୍‌ଆଇ ରିତାଂଜଳୀ ସାହୁ ଏବଂ ସରୋଜ ସାହୁ ଏହି ଘଟଣାର ତଦନ୍ତ କରୁଥିଲେ।

## ଗ୍ରାମାଞ୍ଚଳ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ବାଟାବାହାଲିକୁ ହରାଇ ଭାଲୁରଗାଁ ଚାମ୍ପିଅନ୍



ଫିରିଙ୍ଗିଆ,୨୯।୧(ସମିସ): ଫିରିଙ୍ଗିଆ ବ୍ଲକ କାଶିନୀପଦର ପଞ୍ଚାୟତ ବରେବାଟା ଚକାଡୋଳା କ୍ଲବ ଦ୍ୱାରା ଆୟୋଜିତ ୧୮ ତମ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଛି। କ୍ଲବର ସଭାପତି ଘାସିରାମ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହଁର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥଲେ। ପୂର୍ବତନ ଖଜୁରୀପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର, କ୍ରୀଡ଼ା ସଂଗଠକ ଜଳନ୍ଧର ବେହେରା, କାଶିନିପଦର ସରପଞ୍ଚ ପ୍ରତିମା କହଁର, ନାଏବ ସରପଞ୍ଚ ଋଷି ଦିଗାଳ, ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଳ, ସମାଜସେବୀ ବାଳକୃଷ୍ଣ କୁଣ୍ଡି, ପୂର୍ବତନ ଗୁଦାରୀ ସରପଞ୍ଚ ସୁଧାଂଶୁ କହଁର, ବରିଷ୍ଠ କ୍ରୀଡ଼ାବିତ ଶୁକଦେବ ମୁଖି, ସାରଙ୍ଗଗଡ଼ ଅଞ୍ଚଳର କ୍ରୀଡ଼ା ସଂଗଠକ ସହଦେବ ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ୧୫ ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ୩୨ ଫୁଟବଲ୍ ଟିମ ଭାଗ ନେଇଥିବା ବେଳେ ବାଲାଦାପଡା ପଞ୍ଚାୟତର ବାଟାବାହାଲି ଓ କାଶିନୀପଦର ପଞ୍ଚାୟତର ଭାଲୁର ଗାଁ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ବାଟାବାହାଲୀକୁ ୨-୧ ଗୋଲରେ ହରାଇ ଭାଲୁରଗାଁ ଚାମ୍ପିଅନ୍ ହୋଇଛି।

ପ୍ରତିଯୋଗିତା ଅବସରରେ ଫିରିଙ୍ଗିଆ ଭେଟେରାନ ଓ ସାରଙ୍ଗଗଡ଼ ଭେଟେରାନ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଫିରିଙ୍ଗିଆକୁ ୧-୦ ଗୋଲରେ ହରାଇ ସାରଙ୍ଗଗଡ଼ ଭେଟେରାନ ଚାମ୍ପିଅନ୍ ହୋଇଥିଲା। ପ୍ରତିଯୋଗିତାରେ ବରେବାଟା ଚକାଡୋଳା କ୍ଲବ ସମ୍ପାଦକ ପ୍ରଦୀପ କହଁରଙ୍କ ସହ ଚୈତନ୍ୟ କହଁର, ପୀତବାସ କହଁର, ଦିଲିପ କହଁର, କିଶେଶ୍ୱର କହଁର, ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ଖଣ୍ଡା ଦେଖାଇ ମାଗୁଛନ୍ତି ଦାଦାବଟି; ଭିଡ଼ିଓ ଭାଇରାଲ

ବ୍ରହ୍ମପୁର,୨୯ ।୧(ସମିସ)

ସହରରେ ଖୋଲା ଖୋଲି ଖଣ୍ଡା ଧରି ଆତଙ୍କ ଖେଳାଉଛନ୍ତି ଦୁର୍ବୃତ୍ତ। କମ୍ ବୟସ୍କ ଦୁର୍ବୃତ୍ତଙ୍କ ଗ୍ୟାଙ୍ଗ ସହରରେ ସକ୍ରିୟ ହୋଇ ଉଠୁଥିବା ବେଳେ ଏଥିରେ ସାମିଲ ଅଛନ୍ତି ନାବାଳକ। ସୋମବାର ରାତି ପ୍ରାୟ ୧୧ଟାରେ ସୁବାରାଓ ଛକ ନିକଟସ୍ଥ ଗଳି ଅର୍ଥାତ ଖ୍ରୀଷ୍ଟିଆନ ସାହିରେ ଥିବା ଏକ ଲଜ୍ ସମ୍ମୁଖରେ ୩ଜଣ ଦୁର୍ବୃତ୍ତ ଏକ ସ୍କୁଟିରେ ଆସି ଖଣ୍ଡା ଧରି ସେହି ରାସ୍ତାଦେଇ ଯାଉଥିବା ୨ଜଣ ଯୁବକଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଦୁର୍ବୃତ୍ତ ଜଣକ ସଂପୃକ୍ତ ଯୁବକଙ୍କୁ ଖଣ୍ଡାରେ ହାଣିବାକୁ ଧମକ ଦେଇଥିଲା। ପରେ ଦୁର୍ବୃତ୍ତମାନେ ଉଭୟ ଯୁବକଙ୍କୁ ମାରପିଟ କରିଥିଲେ। ଯାହାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେଉଛି। ମାରପିଟ ସମୟରେ ଖାରବେଳ ନଗରର ଯୁବକ ପି. ଶ୍ରୀକାନ୍ତ ସାହୁ ନିକଟରେ ଥିବା ଏକ ଘରେ ଆଶ୍ରୟ ନେଇଥିଲେ। ପାଟିତୁଣ୍ଡ ଶୁଣି ସେ ବାହାରକୁ ଆସି ଦେଖିବାବେଳେ ୩ଜଣ ଯୁବକ ଅନ୍ୟ ଦୁଇ ଯୁବକଙ୍କୁ ମାରପିଟ କରୁଛନ୍ତି। ଦୁର୍ବୃତ୍ତମାନେ ଶ୍ରୀକାନ୍ତଙ୍କୁ ଖଣ୍ଡା ଧରି ହାଣିବାକୁ ଗୋଡ଼ାଇଥିଲେ। ଶ୍ରୀକାନ୍ତ ସେମାନଙ୍କ କବଳରୁ ମୁକୁଳି ଆସି ନିକଟରେ ଥିବା ସନ୍ଦୀପ କୁମାର ସାହୁ ଓରଫ ମୋଗଲିଙ୍କ ଘରକୁ ପଶିଯାଇଥିଲେ। ଅନ୍ୟ ଉପାୟ ନପାଇ ଦୁର୍ବୃତ୍ତମାନେ ମୋଗଲିଙ୍କ ଘର ଓ କାର୍ ଉପରକୁ ପଥରମାଡ଼ କରି ଘଟଣା ସ୍ଥଳରୁ ସ୍କୁଟି ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ କିଛି ଯୁବକ ଅଭିଯୁକ୍ତଙ୍କୁ ଧରିବାକୁ ଗୋଡ଼ାଇଥିଲେ ହେଁ ବିଫଳ ହୋଇଥିଲେ। ଘଟଣାକୁ ନେଇ ଶ୍ରୀକାନ୍ତ ଟାଉନ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

ସେପଟେ ଗତ ୫ତାରିଖ ରାତିରେ ସୁବାରାଓ ଛକ ନିକଟରେ ଥିବା ଅଲିଭ୍ ରେଷ୍ଟୁରାଣ୍ଟ ଉପରକୁ ବୋମାମାଡ଼ ହୋଇଥିଲା। ଏହି ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ତ ଦୂରର କଥା ଚିହ୍ନଟ ବି କରିପାରୁନି। ଗୋଟିଏ ସ୍ଥାନରେ ଦୁଇ ଦୁଇଟି ଘଟଣା ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଥିବାବେଳେ ପୁଲିସର ଢିଲା ପାଟ୍ରୋଲିଂ ଯୋଗୁ ଅପରାଧୀ ଭୟଶୂନ୍ୟ ହୋଇପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉପରୋକ୍ତ ଦୁଇଟି ଘଟଣାର ଭିଡ଼ିଓ ସୋସିଆଲ ମିଡ଼ିଆରେ ଭାଇରଲ ପରେ ସହରବାସୀ ଭୟଭୀତ ହୋଇଯାଇଛନ୍ତି। ପୁଲିସ ପେଟ୍ରୋଲିଂ କଡ଼ାକଡ଼ି କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।



**ପୁଲିସର ଢିଲା ପାଟ୍ରୋଲିଂକୁ ଦାୟୀ କଲେ ଲୋକେ**

## ଭିନ୍ନ ଜାତିରେ ବିବାହ କରିଥିବାରୁ ଶବକୁ ମିଳିଲାନି କାନ୍ଧ

ଜଗନ୍ନାଥପ୍ରସାଦ,୨୯ ।୧(ସମିସ): ଜଗନ୍ନାଥପ୍ରସାଦ ଥାନା ଛାମୁଣ୍ଡା ଗ୍ରାମର କାହ୍ନୁଚରଣ ପ୍ରଧାନ(୨୨) ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଶବକୁ ସ୍ଥାନୀୟ ପୁଲିସ ଓ ଦମକଳ ବାହିନୀ ସହାୟତାରେ ବରଗଛରୁ ଉଦ୍ଧାର କରାଯାଇଥିଲା। ତେବେ ମୃତ ଯୁବକ ଜଣକ ଭିନ୍ନ ଜାତିରେ ବାହା ହୋଇଥିବାରୁ ଗାଁ ଲୋକେ ଛୁଇଁଲେନି କି ଶବ ସଂସ୍କାର କଲେନି। ଶେଷରେ ଗୋପବନ୍ଧୁ ଟ୍ରଷ୍ଟ ସଦସ୍ୟମାନେ ଶବ ସତ୍କାର କରିଛନ୍ତି। ବାହାର ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରୁଥିଲା କାହ୍ନୁ। ସେ ଏକ ବର୍ଷ ହେବ ଅନ୍ୟ ଜାତିର ଏକ ଝିଅକୁ ପ୍ରେମ ବିବାହ କରି ଗେରେଡା ଗ୍ରାମ ନିକଟ ମାଣପୁରରେ ଉଭୟ ସ୍ୱାମୀ-ସ୍ତ୍ରୀ ରହୁଥିଲେ। ବୁଧବାର ଗ୍ରାମକୁ ଆସି କାହ୍ନୁ ୫ ହଜାର ଟଙ୍କା ନିଜ ମାମୁଁ ଧୋବାକୁ ମାଗିଥିଲେ। ଧୋବା ଗାଈ ଚରାଇ ପରିବାର ପୋଷୁଥିବାରୁ ଟଙ୍କା ନ ଥିବା କହିଥିଲେ। ଅପରାହ୍ନ ସମୟରେ ଗ୍ରାମ ନିକଟ ଶିମିଳି ଝୋଲା କାଜୁତୋଟା ବରଗଛରେ କାହ୍ନୁଙ୍କ ଶବ ଝୁଲୁଥିବା ଅବସ୍ଥାରେ ଗ୍ରାମବାସୀ ଠାବ କରି ସ୍ଥାନୀୟ ପୁଲିସକୁ ଖବର ଦେଇଥିଲେ। ପୁଲିସ କେସନଂ(୪/୨୬) ପ୍ରକାରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ମଧ୍ୟ ଶବ ସତ୍କାର ପାଇଁ ସହଯୋଗ ମିଳିନଥିଲା।

## ବାଲ୍ୟବିବାହ ମୁକ୍ତ ଭାରତ ସଚେତନତା

ବେଗୁନିଆପଡା,୨୯ ।୧(ସମିସ): କୋଦଳା କୋର୍ଟ ପରିସରରେ ତାଲୁକ ଲିଗାଲ ସର୍ଭିସ କମିଟି ପକ୍ଷରୁ "ବାଲ୍ୟବିବାହ ମୁକ୍ତ ଭାରତ' ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସମ୍ବିଧାନ ଓ ଆଇନ ଉପରେ ନିଜର ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ତାଲୁକ ଲିଗାଲ ସର୍ଭିସ କମିଟି ଅଧ୍ୟକ୍ଷ ବିଶ୍ୱରଞ୍ଜନ ବେହେରା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରେଖାରାଣୀ ପଣ୍ଡା, ଜେଏମଏଫସି ବିଚାରପତି ଶୋଭନ କୁମାର ପଣ୍ଡା। ଏପିପି କାମାକ୍ଷା ପ୍ରସାଦ ମହାପାତ୍ର, ଏପିପି ଦୀନବନ୍ଧୁ ମୁଦୁଲିଙ୍କ ସମେତ ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ। ସିଏସଆଇ ଭି. ରାମାରାଓ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଆଇନଜୀବୀ ହର ପ୍ରସାଦ ସାହୁ, ସ୍ୱର୍ଣ୍ଣଲତା ପାଣି, ସୋମନାଥ ବେହେରା, ନୀଳାଞ୍ଚଳ ପୋଲାଇ, ନୀଳମଣି ପଣ୍ଡା, ଅବନୀ ଶଙ୍କର ମିଶ୍ର, ମାନସ କୁମାର ମିଶ୍ର, ଭାସ୍କର ସ୍ୱାଇଁଙ୍କ ସମେତ କୋର୍ଟ କାର୍ଯ୍ୟରତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

ଶେରଗଡ,୨୯ ।୧(ସମିସ): ଶେରଗଡ ଗୋଷ୍ଠୀ ଶିକ୍ଷାକେନ୍ଦ୍ର କାର୍ଯ୍ୟାଳୟ ଅଧିନସ୍ଥ ଡିଙ୍ଗିଶାଳ କ୍ଲଷ୍ଟରର ପଦ୍ମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସିଆରସିସି ଆଲୋକ କୁମାର ଷଡଙ୍ଗୀ ଯୋଗ ଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। କର୍ମଶାଳାର ଆଭିମୁଖ୍ୟ ବାବଦରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏବିଇଓ ଶୈଳେନ୍ଦ୍ରୀ ଦଳେଇ, ବରମୁଣ୍ଡୁଳି ସିଆରସିସି ଭଗବାନ ବେହେରା, ତାକରଡା ସିଆରସିସି ଟି.ଈଶ୍ୱର ପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାମରାଜୁ ସେଠୀ, ସ୍ମିତା ରାଣୀ ପାତ୍ର ସହ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଡିଙ୍ଗିଶାଳ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକ ଯୋଗ ଦେଇଥିଲେ।

## ଶ୍ରୀରାମ ଚରିତ ମାନସ ପାରାୟଣ

ଧରାକୋଟ,୨୯ ।୧(ସମିସ): ଧରାକୋଟ ଶ୍ରୀରାମ ବନବାସ ମଠ ପକ୍ଷରୁ ନବ ଦିନ ବ୍ୟାପି ଶ୍ରୀମହାବିଷ୍ଣୁଙ୍କ ଘୃତ ଯଜ୍ଞ, ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଓ ଦୀପ ଯଜ୍ଞ ଅନୁଷ୍ଠିତ ହେଉଛି। ସକାଳୁ ମଙ୍ଗଳ ଆରତୀ, ସୂର୍ଯ୍ୟ ପୂଜା, ପରାୟଣ ପାଠ, ଶ୍ରୀମହାବିଷ୍ଣୁ ଘୃତ ଯଜ୍ଞ, ଆରତୀ, ଦୀପ ଯଜ୍ଞ, ଭଜନ କୀର୍ତ୍ତନ, ପରିବେଷଣ ହେଉଛି କ୍ଷ ସନ୍ଧ୍ୟାରେ ବ୍ୟାସ ପୀଠରେ ପଣ୍ଡିତ ପବିତ୍ର ମିଶ୍ର, ପୁରୀ ମହୀ ପ୍ରକାଶ ମଠ ର ମହନ୍ତ ଶ୍ରୀସ୍ୱାମୀ ମାଧବ ଚୈତନ୍ୟ, ଶ୍ରୀପଦ ରାଜେନ୍ଦ୍ର ଦାସ ବ୍ରହ୍ମଚାରୀ, ଭୁବନେଶ୍ୱରର ନବୀନ ମହାରାଜଜୀ, ଏରେଣ୍ଡ୍ରା ସୁଧୀର ମହାରାଜ ପ୍ରମୁଖ ଉପସ୍ଥିତ ରହି ରାମଚରିତ ମାନସ ସମ୍ପର୍କରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ପଦ୍ମ ଚରଣ ବାରିକ, ଯୋଗେନ୍ଦ୍ର ଘୋଷ, ଡାକ୍ତର ଶଙ୍କର ବେହେରା ସହଯୋଗ କରିଥିଲେ।

## ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଜି.ଉଦୟଗିରି,୨୯।୧(ସମିସ): ଜି.ଉଦୟଗିରି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ କହଁରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ଲକ ଶିକ୍ଷା ଅଧିକାରୀ କେଶବ ମଲ୍ଲିକ, ହବାକ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ ପାଟମାଝି ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମିହିର କାନ୍ତ ପ୍ରଧାନ , କାଉନସିଲର ଯାକେସ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ସାହୁ, ଆଲୁମିନି ସଭାପତି ନିକୁଞ୍ଜ କୁମାରୀ ନାୟକ ଯୋଗ ଦେଇଥିଲେ। ଶିକ୍ଷକ ରାଜ କିଶୋର ଦାସ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସହ ଶିକ୍ଷୟିତ୍ରୀ ସୁନିମା ଦିଗାଲ ବାର୍ଷିକ ବିବରଣୀ ପାଠ କରିବା ସହ ବିଦ୍ୟାଳୟ ବ୍ୟବସ୍ଥା ବିଷୟ ରେ କହିଥିଲେ। ଶେଷ ପର୍ଯ୍ୟାୟରେ କୃତି ଛାତ୍ରୀଙ୍କୁ ଅତିଥଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା ଏବଂ ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଆର୍ଥିକ ସହାୟତା ଘୋଷଣା ପରେ ବଢୁଛି ରେଜିଷ୍ଟ୍ରି ବାହାଘର



ଶେରଗଡ,୨୯ ।୧(ସମିସ): ମୁଖ୍ୟମନ୍ତ୍ରୀ କନ୍ୟାଙ୍କ ବାହାଘର ଲାଗି ଆର୍ଥିକ ସହାୟତା ଘୋଷଣା କରିବା ପରେ ପ୍ରତି ରେଜିଷ୍ଟର ଅଫିସରେ ବାହାଘର ପାଇଁ ଭିଡ଼ ଜମୁଛି। ଶେରଗଡ଼ ବ୍ଲକରେ ବର୍ତ୍ତମାନ ସୁଦ୍ଧା ୧୧ ଯୋଡ଼ି ବାହାଘର ରେଜିଷ୍ଟର ଅଫିସରେ ହୋଇଥିବା ଜଣାଇଛନ୍ତି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ। ଏହି ବାହାଘର ସମୟରେ ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ, ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମମତାଞ୍ଜଳି ପଣ୍ଡା, ସୁପରଭାଇଜର ରଶ୍ମିତା ଜାନି, ଦର୍ଶନୀ ଶବର ଓ ବାସନ୍ତୀ ଦାସ, ଅଙ୍ଗନବାଡ଼ି କର୍ମୀ ଟୁନି ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ବର-କନ୍ୟାଙ୍କୁ ଆଶୀର୍ବାଦ କରିଥିଲେ। ରେଜିଷ୍ଟରରେ ବାହା ହୋଇଥିବା କନ୍ୟାଙ୍କୁ ବିବାହ ଲାଗି ସରକାର ୫୧ ହଜାର ଟଙ୍କାର ସହାୟତା କରିବେ। ଏହି ମଧ୍ୟରୁ ଏକାଉଣ୍ଟକୁ ୩୫ ହଜାର ଟଙ୍କା ପ୍ରଦାନ କରାଯିବା ବେଳେ ବାହାଘରରେ ଖର୍ଚ୍ଚ ଲାଗି ୬ ହଜାର ଏବଂ ଉପହାର ବାବଦରେ ମିଳିବ ୧୦ ହଜାର ଟଙ୍କା। ଏହି ୧୦ ହଜାର ଟଙ୍କାର ଉପହାର ମଧ୍ୟରେ ପାଉଁଜି, ଚୁଡ଼ି, ବାସନ ଏବଂ ଝୁଣ୍ଟିଆ ପ୍ରଦାନ କରାଯିବ। ଏହି ରେଜିଷ୍ଟର ବାହାଘର ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ଏହି ନିୟମାବଳୀ ଗୁଡିକ ହେଲା, ଝିଅରର ବୟସ ୧୮ରୁ ୩୫, ପୁଅର ବୟସ ୨୧ରୁ ୩୫ ହୋଇଥିବା ଆବଶ୍ୟକ। ପ୍ରତି ପରିବାରରୁ କେବଳ ଜଣେ କନ୍ୟାଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ସରକାରୀ ସହାୟତା ପ୍ରଦାନ କରାଯିବ। ପ୍ରଥମ ଥର ବିବାହ କରୁଥିବା ଏବଂ ଓଡ଼ିଶାର ନାଗରିକ ହେବା ସହ ଗରିବ ପରିବାର ପାଇଁ ପ୍ରଦାନ କରାଯିବ। ବିଧବା ମହିଳା ପୁଣି ବାହା ହେବା ଲାଗି ଚାହିଁଲେ ଏହି ଯୋଜନାରେ ସାମିଲ ହୋଇପାରିବେ। ଏହି ଯୋଜନାରେ ଶେରଗଡ଼ ବ୍ଲକରେ ଅଦ୍ୟାବଧି ୧୧ ଜଣ ବର କନ୍ୟା ଯୋଡ଼ି ବାହା ହୋଇଥିବା ବେଳେ ଏହି ବାହାଘର ସମୟରେ ଉଭୟ ବର-କନ୍ୟାଙ୍କ ଅଭିଭାବକ ମାନେ ଉପସ୍ଥିତ ରହିଥିବା ଦେଖାଯାଇଥିଲା।

## ପେନାଗାବେରୀ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଟିକାବାଲି,୨୯।୧(ସମିସ): ଟିକାବାଲି ବ୍ଲକ ପେନାଗାବେରୀ ସ୍ଥିତ ପିଏମଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟତ୍ରୀ ଝୁନୁରାଣୀ ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଜି. ଉଦୟଗିରି ବିଧାୟକ ପ୍ରଫୁଲ ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତା ଭାବେ ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ସମ୍ମାନିତ ଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ଯୋଗ ଦେଇଥିଲେ। ଅନ୍ୟାନ୍ୟ ମଞ୍ଚାସୀନ ଅତିଥଙ୍କ ମଧ୍ୟରେ ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ବୁର୍ବିନାଯୁ ସରପଞ୍ଚ ସାଲିମା ପ୍ରଧାନ, ସମିତିସଭ୍ୟ କାଳିଦାସ ପ୍ରଧାନ, ପାବୁରିଆ ସରପଞ୍ଚ ସଞ୍ଜୟ ନାୟକ, ସମିତିସଭ୍ୟ ଲଳିତ ପ୍ରଧାନ ଏବଂ ଡ. ରାଜଶ୍ରୀ ପ୍ରଧାନ ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବ ଅବସରରେ ବିଭିନ୍ନ କ୍ରୀଡ଼ା ଓ ଶିକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ ରାଉତ ପରିଚାଳନା କରିଥିଲେ।

## କଟାବାଡି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଦାରିଙ୍ଗବାଡି,୨୮ ।୧(ସମିସ): ଦାରିଙ୍ଗବାଡି ବ୍ଲକ କଟାବାଡି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ନାୟକ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନମାଳୀ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୌଶିକ କୁମାର ନାୟକ, ସିଆରସିସି ସୁକାନ୍ତ କୁମାର ମହାରଣା, ପଞ୍ଚସଖା ଶିକ୍ଷାସେତୁ ସଭାପତି ଜ୍ୟୋତିରାଜ ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ଲକେରା ପ୍ରଧାନ ଓ ଉପସଭାପତି ସୁଲୋଚନା ପ୍ରଧାନ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବାର୍ଷିକ ଉତ୍ସବ ହୋଇଥିଲା। ମାଳତୀ ପ୍ରଧାନ, ମାନସୀ ବଡରଇତ, କୁମାରୀ ଶୁଶୋଭିତା ପ୍ରଧାନ ଓ ରାମେଶ୍ୱର ନାୟକ, ଫିରଜ ଦିଗାଲ ସହଯୋଗ କରିଥିଲେ। ରାମେଶ୍ୱର ନାୟକ ପରିଚାଳନା କରିଥିବାବେଳେ ମାଳତୀ ପ୍ରଧାନ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୁରସ୍କାର ବିତରଣ ସହ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତିରେ ପ୍ରତିଯୋଗିତା

ଶେରଗଡ଼,୨୯ ।୧(ସମିସ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ବନ୍ଦେ ମାତରଂର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଶେରଗଡ଼ ବ୍ଲକସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୧୩୧ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିଲା। ଗୁରୁବାର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଡ଼ିଓ ତୃପ୍ତିମୟୀ ଜେନା, ଏବିଡିଓ ଏବଂ ଏବିଇଓ ଶୈଳେନ୍ଦ୍ରୀ ଦଳେଇ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ଇନ୍ଦିରା ସ୍ମାରକୀ କଲେଜର ବାର୍ଷିକ ଉତ୍ସବ




ମୋହନା,୨୯।୧(ସମିସ): ମୋହନା ବ୍ଲକ ଚାନ୍ଦିପୁଟ ସ୍ଥିତ ଇନ୍ଦିରା ମେମୋରିଆଲ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଓ ମୁଖ୍ୟବକ୍ତା ଭାବେ ଚନ୍ଦ୍ରଗିରି ଜିଲ୍ଲା ପରିଷଦ ସଭ୍ୟ ସୁନୀଲ କୁମାର ବିଶୋୟୀ ଯୋଗ ଦେଇଥିଲେ। ଉତ୍ସବରେ ଛାତ୍ରଛାତ୍ରୀ ନିଜର ପ୍ରତିଭା ଦେଖାଇବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ମହାବିଦ୍ୟାଳୟ କିଭଳି ବହୁ ବାଧାବିଘ୍ନରେ ଗଢ଼ି ଉଠିଛି ପୂର୍ବତନ ଯୁକ୍ତ-୨ ଅଧ୍ୟକ୍ଷ ଡ଼. କିଶୋର ଚନ୍ଦ୍ର ସାହୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଆଗକୁ କିଭଳି ଏହି ମହାବିଦ୍ୟାଳୟରେ ଲାଗି ରହିଥିବା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଦୂର କରାଯିବ ତାହା ବିଧାୟକ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ ପାନୀୟ ଜଳ ସମସ୍ୟା ଦୂର କରିବାକୁ ସୌର ଚାଳିତ ପାଣି ଟାଙ୍କି ବିଦ୍ୟାଳୟ ପରିସରରେ ନିର୍ମାଣ କରିବା ପାଇଁ ଚନ୍ଦ୍ରଗିରି ଜିଲ୍ଲା ପରିଷଦ ସୁନିଲ କୁମାର ବିଷୋୟୀ ପ୍ରତିଶ୍ରୁତି ଦେଇଥିଲେ। ଯୁକ୍ତ ୩ ଅଧ୍ୟକ୍ଷ ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ପୂର୍ବ ତନ ସରପଞ୍ଚ ଜୁରିଆ କାର୍ଜି ଏବଂ କଲେଜ କମିଟିର ପୂର୍ବତନ ସହ ସମ୍ପାଦକ ଦେବଦତ୍ତ ବେହେରା ଉପସ୍ଥିତ ଥିଲେ।

## ନାଳ ମରାମତି ନିମନ୍ତେ ଭିତ୍ତିପ୍ରସ୍ତର



ପୋଲସରା,୨୯ ।୧(ସମିସ): ପୋଲସରା ବ୍ଲକ କଳମ୍ବ ଗ୍ରାମରେ ଜେମାଖମା ନାଳର ଉନ୍ନତି କରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହା ଦ୍ୱାରା ଚାଷୀଙ୍କୁ ପ୍ରଚୁର ମାତ୍ରାରେ ଜଳସେଚନ ପାଇଁ ପାଣି ଯୋଗାଣରେ ସହାୟତା ହୋଇପାରିବ ସହ କଳମ୍ବ ଓ ରୂଖାକଣା ଗ୍ରାମର ଶତାଧିକ ଚାଷୀ ଉପକୃତ ହେବା ନେଇ ମନ୍ତ୍ରୀ ପ୍ରକାଶ କରିଥିଲେ। ଜଳ ନିଷ୍କାସନ ବିଭାଗ ବ୍ରହ୍ମପୁର ବିଭାଜନ, ବ୍ରହ୍ମପୁର ଗଞ୍ଜାମ ଆନୁକୂଲ୍ୟରେ ୬୨ ଲକ୍ଷ ୪୭ ହଜାର ୫୮୬ ଟଙ୍କାର ବ୍ୟୟ ଅଟକଳ ହୋଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଅପାଟ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଘୁମୁସର ଜିଲ୍ଲା ବିଜେପି ଉପସଭାପତି ପ୍ରତୀମା ସାହୁ, କଳମ୍ବ ସମିତି ସଭ୍ୟ ପ୍ରସାଦ କୁମାର ସାହୁ, ସମାଜସେବି ପ୍ରଭାକର ପଣ୍ଡା, ପୂର୍ବତନ ସରପଞ୍ଚ କାଶୀନାଥ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ମନୋଜ କୁମାର ଖଟୁଆ, ମହେଶ ସାହୁ, ଦୀପକ କୁମାର ପୋଲାଇ, ପୃଥ୍ୱୀରାଜ ଭଞ୍ଜଦେଓଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

**ସିପିଆଇ ଶାଖା ସମ୍ମିଳନୀ**

## ୫ରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ନିଷ୍ପତ୍ତି

ଦିଗପହଣ୍ଡି,୨୯ ।୧(ସମିସ)

ଦିଗପହଣ୍ଡି ବ୍ଲକ ଗଣିଆନାଳ ଛକ ନିକଟ ମା' କୁରେଇଗୁଣି ଠାକୁରାଣୀ ମନ୍ଦିର ପରିସରରେ ବୁଧବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର ସିଦ୍ଧେଶ୍ୱର ଓ ଗୋପାଳପୁର ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସିଦ୍ଧେଶ୍ୱର ଶାଖାର ବରିଷ୍ଠ କମ୍ରେଡ ପୁରୁଷୋତ୍ତମ ବେହେରା ଲାଲ ପତାକା ଉତ୍ତୋଳନ କରିବା ପରେ କମ୍ରେଡ ରମେଶ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସିପିଆଇ ଗଞ୍ଜାମ ଜିଲ୍ଲା କମିଟି ସମ୍ପାଦକ କମ୍ରେଡ ଶ୍ରୀହର୍ଷ ରଥ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ଦେଶ ଓ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଓ ଭାଜପା ସରକାରଙ୍କ ଜନମାରଣ ନୀତି ଯୋଗୁ ଦେଶରେ ଦାରିଦ୍ର ହାର ବଢ଼ିବା ସହ ଆର୍ଥିକ ଅସମାନତା ଦେଖାଦେଇଛି ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ସିପିଆଇ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ପ୍ରକାଶ ଚନ୍ଦ୍ର ପାତ୍ର, ଜିଲ୍ଲା କମିଟି ସଦସ୍ୟ କମ୍ରେଡ ଅଳକ ନାଥ ମିଶ୍ର, ବଡଖେମୁଣ୍ଡି ଜୋନ ସମ୍ପାଦକ କମ୍ରେଡ କିଶୋର କୁମାର ଶତପଥି, ଦିଗପହଣ୍ଡି ଶାଖା ସମ୍ପାଦକ କମ୍ରେଡ ତପନ କୁମାର ମିଶ୍ର, ବ୍ରହ୍ମପୁର ଶାଖା ସମ୍ପାଦକ କମ୍ରେଡ ପ୍ରଫୁଲ୍ଲ କୁମାର ଜେନା, ବରିଷ୍ଠ କମ୍ୟୁନିଷ୍ଟ ନେତା କମ୍ରେଡ ବୃନ୍ଦାବନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପାର୍ଟିର ଉଭୟ ଶାଖାର ସମସ୍ତ ପୁରାତନ ସଦସ୍ୟଙ୍କ ସଭ୍ୟପଦ ନବୀକରଣ କରାଯିବା ସହିତ ଗଣ ସଙ୍ଗଠନ ଗୁଡିକୁ ସୁଦୃଢ କରିବାକୁ ବିଭିନ୍ନ ବିଭାଗର ଦାୟିତ୍ୱ କମ୍ରେଡ ଦୈତାରୀ ରେଡ୍ଡୀ ଓ ଦଣ୍ଡପାଣି ସାହୁ, ପ୍ରଦୀପ ପରିଡ଼ା, ଲୋକନାଥ ବିଷୋୟୀଙ୍କ ସମେତ ଉପସ୍ଥିତ ସକ୍ରିୟ ସଦସ୍ୟ ମାନଙ୍କୁ ଅର୍ପଣ କରାଯାଇଥିଲା। ଫେବୃଆରୀ ୫ରେ ଧାନ ମଣ୍ଡି ଓ ମିଲରମାନଙ୍କ ମଧୁଚନ୍ଦ୍ରିକାରେ ଚାଲିଥିବା କଟ୍‌ନୀ ଛଟ୍‌ନୀ ବନ୍ଦ ସହ ବିଭିନ୍ନ ଦାବି ପୂରଣ ପାଇଁ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପାର୍ଟି ପକ୍ଷରୁ ବିକ୍ଷୋଭ ସହ ଗଣଧାରଣା ଦିଆଯିବା ସହ ୧୨ ତାରିଖରେ ସମସ୍ତ ଜାତୀୟ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ଡ଼ାକରା ଦିଆଯାଇଥିବା ସର୍ବ ଭାରତୀୟ ଧର୍ମଘଟକୁ ସଫଳ କରିବାକୁ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ବର୍ଷ ପାଇଁ ସିଦ୍ଧେଶ୍ୱର ଶାଖାର ସମ୍ପାଦକ ରୂପେ କମ୍ରେଡ଼. ପୁରୁଷୋତ୍ତମ ବେହେରା ଓ ଗୋପାଳପୁର ଶାଖା ପାଇଁ କମ୍ରେଡ. ଲୋକନାଥ ବିଷୋୟୀ ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା। ଶେଷରେ ପାର୍ଟି ପକ୍ଷରୁ ଗଣିଆନାଳ ଛକରେ ଗଣପାଣ୍ଠି ସଂଗ୍ରହ କରାଯାଇଥିଲା।

## ଶେରଗଡରେ ବିଶାଳ ହିନ୍ଦୁ ସମ୍ମିଳନୀ




ଶେରଗଡ଼,୨୯ ।୧(ସମିସ): ଶେରଗଡ଼ ଆଡପ ମଣ୍ଡପ ପ୍ରାଙ୍ଗଣରେ ବିଶାଳ ହିନ୍ଦୁ ସମ୍ମିଳନୀ ଅବସରପ୍ରାପ୍ତ ଶିକ୍ଷକ ପଠାଣି ଭଞ୍ଜଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଗୁରୁବାର ସକାଳୁ ଏକ ମଶାଲ ଶୋଭାଯାତ୍ରା ଶେରଗଡ଼ ଜଗନ୍ନାଥଙ୍କ ପୀଠରୁ ବାହାରି ସହର ପରିକ୍ରମା କରିଥିଲା। ଏହି ସମ୍ମିଳନୀକୁ ଶେରଗଡ ରାଜା ସାହେବ ପୂର୍ଣ୍ଣଚନ୍ଦ୍ର ସିଂଦେଓ ଶୁଭାରମ୍ଭ କରିଥିଲେ। ଏଥିରେ ଦିବ୍ୟ ଜୀବନ ସଂଘର ବିପ୍ର ଚରଣ ମିଶ୍ର, ଠାକୁର ନିଗମାନନ୍ଦ ସାରସ୍ୱତ ସଂଘର ପ୍ରଶାନ୍ତ କୁମାର ପଣ୍ଡା, ସତ୍ୟସାଇ ସଂଘର ଆବାହକ ବିଜୟ କୁମାର ପାଣିଗ୍ରାହୀ, ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବ୍ରହ୍ମ କୁମାରୀ ଶିବକନ୍ୟା, ପୂର୍ଣ୍ଣାନନ୍ଦ ସଂଘର ଆବାହକ ସନ୍ତୋଷ କୁମାର ପାତ୍ର, ଶ୍ରୀକୃଷ୍ଣ ଚୈତନ୍ୟ ମିଶନ ବିଷ୍ଣୁ ଗୋସ୍ୱାମୀ ମହାରାଜ, ସନ୍ଥ ନିରାକାର ମିଶନର ରଘୁନାଥ ଜୀ, ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶେଷଦେବ ସାମନ୍ତରାୟ, ଗାୟତ୍ରୀ ପରିବାରର ଗୋକୁଳ ଚନ୍ଦ୍ର ନାହାକ, ହରିବୋଲ-ଗୋରଭକ୍ତ ମଣ୍ଡଳୀର ରମାକାନ୍ତ ରଥ, ଶ୍ରୀମା ଅରବିନ୍ଦ ସଂଘର ଅଶୋକ କୁମାର ସାମନ୍ତରାୟ, ଅଲେଖ ମହିମା ସଂଘର ସାଧୁ କୈଳାସ ଦାସ ଯୋଗ ଦେଇଥିଲେ। ବ୍ରହ୍ମା କୁମାର ସୁବାସ ଭାଇ ପରିଚାଳନା କରିଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟଙ୍କ ସହିତ ପି.ବାବୁଲା ପାତ୍ର, ପ୍ରଦୀପ କୁମାର ଦାସ, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ସମାଜସେବୀ ଦୁର୍ଗା ପ୍ରସାଦ ବିଷୋୟୀ, ଗଜେନ୍ଦ୍ର ପ୍ରଧାନ ସହଯୋଗ କରିଥିବା ବେଳେ ବ୍ଲକର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ବ୍ୟକ୍ତି ଯୋଗ ଦେଇଥିଲେ।

